# ପାନୀୟଜଳ ସମସ୍ୟା ନେଇ ଉଦ୍‌ବେଗ

## ଦେଓଗାଁ ପଞ୍ଚାୟତ ସମିତି ବୈଠକ

**ଦେଓଗାଁ, ୧୧।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ପୂର୍ବ ବିବରଣୀ ପଠନ କରିଥିଲେ। ପ୍ରଥମେ ବ୍ଲକର ବିଭିନ୍ନ ଗାଁରେ ପାନୀୟଜଳ ସମସ୍ୟା ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକର ପଶ୍ଚିମାଞ୍ଚଳର ୪୬ଟି ଗାଁରେ ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡିଥିବାରୁ ଗାଁ ଲୋକମାନେ ପାନୀୟ ଜଳରୁ ବଞ୍ଚିତ ରହୁଥିବା ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଅଭିଯୋଗ ଉଠାଇବା ସହ ଉକ୍ତ ପ୍ରକଳ୍ପଗୁଡିକର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ବ୍ଲକରେ ଭୂତଳ ଜଳ ନିମ୍ନଗାମୀ ହେବାରୁ ଜଳ ସମସ୍ୟା ରହୁଥିବା ବ୍ଲକ ଅଧ୍ୟକ୍ଷ ଖମାରୀ ପ୍ରକାଶ କରିବା ସହ ଦେଓଗାଁ ବ୍ଲକ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ହେଲେ ପାନୀୟଜଳ ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଦାବଲିକାନୀ ଗାଁରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଥିବା ହାତୀସରା ସରପଞ୍ଚ କେଲୋ ଡାଙ୍ଗ ଅଭିଯୋଗ ଉଠାଇଥିଲେ। ବରଘାଟିରୁ ସାଲେପାଲି ପର୍ଯ୍ୟନ୍ତ ସୋନଗଡ ନଦୀରୁ ଅନବରତ ବେଆଇନ ବାଲି ଚାଲାଣ ହେଉଥିବାରୁ ଗାଁ ଗୁଡିକରେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଏଣୁ ସୋନଗଡ ନଦୀରୁ ବାଲି ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସାଲେପାଲି ସମିତି ସଭ୍ୟ ମେହେର ଦାବି ଉପସ୍ଥାପନ କରିଥିଲେ । ବ୍ଲକର ୨୬ ପଞ୍ଚାୟତରେ କିଣାଯାଇଥିବା ପାଣି ଟ୍ୟାଙ୍କର ସମ୍ପର୍କରେ ସବିଶେଷ ତଥ୍ୟ ଯୋଗାଇ ନ ଦେବାରୁ ହାତିସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର ଗୃହରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବ୍ଲକର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ବ୍ଲକର ବିଭିନ୍ନ ସ୍କୁଲରେ ୧୨୦ଟି ଶିକ୍ଷକ ପଦବୀ ଖାଲି ରହିଥିବା ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକ ସୂଚନା ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ଶୌଚାଳୟ ଅଧାପନ୍ତରିଆ ହୋଇରହିଥିବା ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ ଅଭିଯୋଗ ଉଠାଇଥିଲେ। ବ୍ଲକରେ ଜଳସେଚନର ଅଭାବ ଯୋଗୁ ଗଜା ମରୁଡି ଆଶଙ୍କା ରହିଥିବା ଜନପ୍ରତିନିଧିମାନେ ଅଭିଯୋଗ କରିବା ସହ ଚାଷୀମାନଙ୍କୁ ସରକାରୀ ଯୋଜନାର ସଠିକ ସୂଚନା ଦେବା ପାଇଁ ଦାବି କରିଥିଲେ । ବର୍ତ୍ତମାନ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ସଚେତନ କରାଯାଉଥିବା ସହକାରୀ କୃଷି ଅଧିକାରୀ ରୋହନ ଭୋଇ ସୂଚନା ଦେଇଥିଲେ।

ଦେଓଗାଁ ବ୍ଲକ ମୁଖ୍ୟାଳୟରେ କଲ୍ୟାଣ ମଣ୍ଡପ ନିର୍ମାଣ ସହ ବସ୍ତି କଂକ୍ରିଟରାସ୍ତା ଶୋଚନୀୟ ହୋଇପଡିଥିବାରୁ ତାର ମରାମତି କରିବା ପାଇଁ ସ୍ଥାନୀୟ ସମିତିସଭ୍ୟା ମୀନା କୁମାରୀ ସା ଦାବି କରିଥିଲେ । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ, ମେଡିସିନ ବିଭାଗ ବିଶେଷଜ୍ଞ ଓ ସର୍ଜରୀ ବିଶେଷଜ୍ଞ ନ ଥିବାରୁ ରୋଗୀ ଖର୍ଚ୍ଚାନ୍ତ ହେଉଥିବା ବେଳେ ଚିକିତ୍ସାଳୟକୁ ନିମ୍ନମାନର ଔଷଧ ଆସୁଥିବା ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଗୁଡଖାପଲା ଓ ଗୌରଗୋଠ ସମେତ ଅନେକ ଗାଁରେ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନ ଥିବା ସରପଞ୍ଚ ଜିବନୀ ଦାଶ ଓ ସମିତିସଭ୍ୟ ଟଙ୍କଧର ବେରିଆ ଅଭିଯୋଗ ଉଠାଇଥିଲେ। ରାମଚନ୍ଦ୍ରପୁରରୁ ଗଏଲପିଟା ରାସ୍ତାରେ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା କାମ ପାଇଁ ବ୍ଲକ ପକ୍ଷରୁ ସୂଚନାଫଳକ ଲାଗିଛି । ତେବେ ଉକ୍ତ ରାସ୍ତା କାମରେ ଅର୍ଥ ଆତ୍ମସାତ ଉଦ୍ୟମ ହୋଇଥିବା ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ ଅଭିଯୋଗ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ । ଏହାକୁ ନେଇ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକ ଓ କେତେଜଣ ଜନପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ହେବା ଚର୍ଚ୍ଚାର ବିଷୟ ହୋଇଛି। ବୈଠକରେ ଆରଡି, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧିକାରୀ ଯୋଗ ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ବିଡିଓ କ୍ଷମାନିଧି ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ସାବତ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ଏମ୍‌ପିଙ୍କ ପ୍ରତିନିଧି ଅମିତ କୁମାର ସିଂ ନିନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



**ବୌଦ୍ଧ, ୧୧।୭ (ଅଜିତ କୁମାର ବାରିକ)**

ବୌଦ୍ଧରେ ବିଶ୍ୱ ଜନସଂଖ୍ୟା ଦିବସ ଏବଂ ସମନ୍ୱିତ ସ୍ୱାସ୍ଥ୍ୟ ସର୍ଭେକ୍ଷଣ ଅଭିଯାନ ଉପଲକ୍ଷେ ଆନ୍ତଃ ବିଭାଗୀୟ ଏକାଭିମୁଖୀ ବୈଠକ ଜିଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ ବୈଠକ ପୂର୍ବରୁ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଜନସଂଖ୍ୟା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ପରିବାର କଲ୍ୟାଣର ବିଭିନ୍ନ ଯୋଜନା ଓ ଏହାର ଉପକାରିତା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ , ହେପାଟାଇଟିସ ବିର ପରୀକ୍ଷା ଓ ଚିକିତ୍ସା, ଓଆରଏସ ବଣ୍ଟନ, ଜିଙ୍କ ବଟିକା ବଣ୍ଟନ, ଗର୍ଭବତୀ ମହିଳାଙ୍କୁ ଚିହ୍ନଟ ପାଇଁ ସମନ୍ୱିତ ସର୍ବେକ୍ଷଣ କରିବା ଏବଂ ଆବଶ୍ୟକ ସ୍ଥଳେ ଟିକାକରଣ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଚିକିତ୍ସାଳୟରେ ଅଧିକରୁ ଅଧିକ ନମୁନା ସଂଗ୍ରହ କରି ପରୀକ୍ଷଣ କରିବା, ଅପହଞ୍ଚ ଗ୍ରାମଗୁଡିକରେ ମଶାରି ବଣ୍ଟନ କରିବା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ସୋନାଲ ପରାମର୍ଶ ଦେଇଥିଲେ। ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ତାରିଖ ଯାଏ ଚାଲିବ। ସେହିପରି ଜିଲାରେ ପରିବାର ନିୟୋଜନ ସେବା ପ୍ରଦାନ କରିବା ଲାଗି ଦୁଇଟି ପକ୍ଷ ଭାବରେ ଏହାକୁ ପାଳନ କରାଯାଉଛି ।

ପ୍ରଥମ ପର୍ଯ୍ୟାୟରେ ସଚେତନତା ପକ୍ଷ ଜୁନ୍ ୨୭ ତାରିଖଠାରୁ ପାଳନ ହୋଇ ଆସଥିବା ବେଳେ ଜୁଲାଇ ୧୧ତାରିଖରୁ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପକ୍ଷରେ ପରିବାର ନିୟୋଜନର ବିଭିନ୍ନ ପଦ୍ଧତିଗୁଡିକ ଯଥା ପୁରୁଷ ଓ ମହିଳା ମାନଙ୍କ ସ୍ଥାୟୀ ବନ୍ଧ୍ୟାକରଣ ଓ ଅସ୍ଥାୟୀ ଗର୍ଭ ନିରୋଧକ ପଦ୍ଧତି ଅନ୍ତର୍ଗତ ମିଳୁଥିବା ସେବାଗୁଡିକୁ ମାଗଣାରେ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ କରାଯାଇଛି। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବି.କେ.ଆର.ସି. ଦେଓ ହେମ୍ବ୍ରମ ଯକ୍ଷ୍ମା ଓ କୁଷ୍ଠ ରୋଗର ନିରାକରଣ ନେଇ ସଫଳତା ମିଳିଥିବା ବେଳେ ଲୋକଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବାର ନିୟୋଜନ ଅସ୍ତ୍ରୋପଚାରରେ ବୌଦ୍ଧ ଜିଲା ରାଜ୍ୟରେ ପଞ୍ଚମ ସ୍ଥାନରେ ରହିଥିବାରୁ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଆଶା ଭାବରେ ବିଷ୍ଣୁପ୍ରିୟା ଲେଙ୍କା, ଶ୍ରେଷ୍ଠ ସ୍ୱାସ୍ଥ୍ୟ କର୍ମୀ ଭାବେ ବାଉଁଶୁଣୀର ଏ. ସ୍ୱାଇଁ ଏବଂ ନୂଆପାଲିର ନନ୍ଦିନୀ ପ୍ରଧାନ, ଶ୍ରେଷ୍ଠ ଡାକ୍ତର ଭାବେ ପ୍ରଦୋଷ ମହାପାତ୍ରଙ୍କୁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଫୁଲଚରା ଗ୍ରାମର ଭାଜପା କର୍ମୀ ସୁରଥ ନାଏକ(୫୫)ଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗୁରୁବାର ବୀରମହାରାଜପୁର ଛକରେ ରାସ୍ତାରୋକୋ କରାଯାଇଥିଲା। ରାସ୍ତାରୋକୋ ସ୍ଥଳରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ।

## ଅନ୍ତର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚାଉଳ ଚୋରି ଅଭିଯୋଗ

**ଦେଓଗାଁ, ୧୧।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଳ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବୁଧବାର ବିଳମ୍ବିତ ରାତିରେ ମଧ୍ୟାହ୍ନ ଭୋଜନ ପାଇଁ ରଖାଯାଇଥିବା ଚାଉଳ ବସ୍ତା ଚୋରି ହୋଇ ଯାଇଥିବା ବନ୍ଧପଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଅନୁସାରେ, କେହି ଦୁର୍ବୃତ୍ତ ବିଦ୍ୟାଳୟ କବାଟର ତାଲା ଭାଙ୍ଗି ୮ ବସ୍ତା ଚାଉଳ ଚୋରି କରି ନେଇଛି। ତେବେ ନିକଟସ୍ଥ ବିଲାସପୁର ପ୍ରାଥମିକ ବିଦ୍ୟାଳୟର କବାଟ ତାଲାକୁ ଚୋର କାଟିଥିଲେ ସୁଦ୍ଧା ଚୋରି କରିପାରି ନ ଥିବା ଏବିଇଓ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ପୂଜ୍ୟପୂଜା ସେବା ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ

**ବଲାଙ୍ଗୀର, ୧୧।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଟିକ୍ରାପଡା ସ୍ଥିତ ଦଧିବାମନ ମନ୍ଦିରଠାରେ ଉପଦେଷ୍ଟା ତଥା ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୂଜ୍ୟପୂଜା ସେବା ସଙ୍ଗଠନର ଦୁଇ ବାର୍ଷିକ ନିର୍ବାଚନ ଏବଂ ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୩୩ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସଭା ହୋଇଥିଲା। ଏଥିରେ ସମ୍ମାନିତ ବକ୍ତା ଭାବେ ଡ. ଅଶୋକ କୁମାର ସେଠୀ, ଶୁଭେନ୍ଦ୍ର ନେପାକ ଓ କେଶବ ଚନ୍ଦ୍ର ମିଶ୍ର ଯୋଗଦେଇ ପ୍ରଭାକର ରଥଙ୍କ ନିଃସ୍ୱାର୍ଥ ସେବାଭାବକୁ ସାମ୍ପ୍ରତିକ ସମୟରେ ଯୁବପିଢ଼ି ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ସାହିତ୍ୟିକ ହୃଷୀକେଶ ପୁରୋହିତ ଓ ବିଶିଷ୍ଟ ଶିକ୍ଷାବିତ କପିଳ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଙ୍ଗଠନର ଦୁଇ ବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବ ସମ୍ମତିକ୍ରମେ କେଶବ ଚନ୍ଦ୍ର ମିଶ୍ର ସଭାପତି, ମଧୁ ସାହୁ ଉପସଭାପତି, ସୁନାଧର ବନଛୋର ସମ୍ପାଦକ, ସୀତାଂଶୁ ନାୟକ ସହସମ୍ପାଦକ, ବୃନ୍ଦେନ୍ଦ୍ର କୁମାର ବେହେରା କୋଷାଧ୍ୟକ୍ଷ, ଦୁର୍ଗା ସାହୁ କାର୍ଯ୍ୟକ୍ରମ ପ୍ରସାରଣ ସଂଯୋଜକ, ଧୀରେନ୍ଦ୍ର ନାରାୟଣ ସିଂଦେଓ ପରିଚାଳନା ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଡା. ଅଶୋକ କୁମାର ସେଠୀ, ଶୁଭେନ୍ଦ୍ର ନେପାକ, ହୃଷୀକେଶ ପୁରୋହିତ, ରନ୍ମୟ ତ୍ରିପାଠୀ, ମଦନ ମୋହନ ରଥ, ନିହାରିକା ମିଶ୍ର, କବିତା ମିଶ୍ର, ତପସ୍ୱିନୀ ପଶାୟତ ଓ ମାଳତି ଉଦ୍‌ଗାତା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ପୂଜ୍ୟପୂଜା ସେବା ସଙ୍ଗଠନର ଉପଦେଷ୍ଟା ଭାବେ ଡା. ଜ୍ୟୋସ୍ନାମୟୀ ମହାପାତ୍ର, କପିଳ ପତି, ଜଗଦାନନ୍ଦ ଛୁରିଆ, ଜୟରାମ ମିଶ୍ର, ରଘୁନାଥ ମିଶ୍ର, ନୀଳମଣି ମିଶ୍ର ଓ ଧର୍ମବ୍ରତ ରଥଙ୍କୁ ମନୋନୀତ କରାଯାଇଛି।

## ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ

**ବୌଦ୍ଧ, ୧୧।୭ ( ଅଜିତ କୁମାର ବାରିକ)**

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହଠାରେ ଜିଲାସ୍ତରୀୟ ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ ପାଇଁ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଜିଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ଶିଶୁ ଓ ମା'ର ଓଜନ ଏବଂ ଉଚ୍ଚତା ନିରୀକ୍ଷଣ ସହ ମାନସିକ ଅଭିବୃଦ୍ଧି ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁଗ୍ମ ସଚିବ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମଧୁସୂଦନ ବେହେରା ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଜିଲାପାଳ ଜେ. ସୋନାଲ ଜିଲାର ସମସ୍ତ ଅଞ୍ଚଳ ବିଶେଷ କରି ଦୁର୍ଗମ ଅଞ୍ଚଳରେ ରହୁଥିବା ଅଧିବାସୀମାନଙ୍କ ନିକଟରେ ସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦେବା ସହିତ ସେମାନଙ୍କ ଶାରୀରିକ ଏବଂ ମାନସିକ ଅଭିବୃଦ୍ଧି ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଲୋଚନା ପୃଷ୍ଟି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭାରପ୍ରାପ୍ତ କଣ୍ଟାମାଳ ଗୋଷ୍ଠୀ ସମନ୍ୱିତ ଶିଶୁ ଓ ମହିଳା ବିକାଶ ଅଧିକାରୀ ସୌଦାମିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ୟୁନିସେଫର ତାଲିମଦାତା ଗୋପାଳ ପ୍ରଧାନ, ମୃତ୍ୟୁଞ୍ଜୟ ଛତ୍ର, ଆଶିଷ ମହାନ୍ତି, ରଶ୍ମିରଞ୍ଜନ ସେଠୀ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ପ୍ରୋଗାମ ଅଧିକାରୀ ଗୀତା ଦଲାଲଙ୍କ ସମେତ ସମସ୍ତ ଗୋଷ୍ଠୀ ଶିଶୁ ଓ ମହିଳା ବିକାଶ ଅଧିକାରୀ, ସୁପରଭାଇଜର, ପ୍ରୋଗ୍ରାମ ଅଧିକାରୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ମମତା, ମିଶନ ଶକ୍ତି ଏବଂ ପୋଷଣର ଜିଲା ସଂଯୋଜକମାନେ ଯୋଗ ଦେଇଥିଲେ।

# ବନ୍ଦ ସ୍କୁଲ ପୁନଃ ଖୋଲିବାକୁ ଦାବି

**ବରଗଡ଼, ୧୧।୭ (ପ୍ରେମାନନ୍ଦ ଖମାରୀ)**



ସ୍କୁଲ ଖୋଲିବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଏନ.ବରପଦର ଗ୍ରାମର ପ୍ରାଥମିକ ସ୍କୁଲ ଗତ ୨୦୨୧-୨୨ ଶିକ୍ଷାବର୍ଷରୁ ବନ୍ଦ ହୋଇଛି। ଫଳରେ ଗ୍ରାମର ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଗୁରୁବାର ଗ୍ରାମବାସୀ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ବନ୍ଦ ରହିଥିବା ସ୍କୁଲକୁ ପୁଣି ଖୋଲିବା ଦିଗରେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ଗ୍ରାମର ଉକ୍ତ ସ୍କୁଲକୁ ବନ୍ଦ କରି ଦେଇ ତିଲେଇମାଳ ପ୍ରାଥମିକ ସ୍କୁଲରେ ମିଶାଇ ଦିଆଯାଇଛି। ଫଳରେ ଗ୍ରାମର ଛାତ୍ରୀଛାତ୍ର ୩ କି.ମି. ଦୂରରେ ରହିଥିବା ସେହି ସ୍କୁଲକୁ ପଢ଼ିବାକୁ ଯାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ବର୍ତ୍ତମାନ ୫ରୁ ୧୦ବର୍ଷ ବୟସ ମଧ୍ୟରେ ୨୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଛନ୍ତି। ଫଳରେ ବନ୍ଦ ରହିଥିବା ସ୍କୁଲକୁ ପୁଣି ଖୋଲାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏନ. ବରପଦର ଗ୍ରାମର ଅନେକ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

## ଟ୍ରାକ୍ଟର ସହ କାଠ ଜବତ: ୪ ଅଟକ

**ବାଉଁଶୁଣୀ, ୧୧।୭ (ଦେବାଶିଷ ନେପାକ)**

ଗୁରୁବାର ସକାଳେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଚୋରା କାଠ ନେଇ ଆସୁଥିବା ଏକ ଟ୍ରାକ୍ଟରକୁ ଜାଲେଇ ରେଲୱେ କ୍ରସିଂ ନିକଟରୁ ଜବତ କରାଯାଇଛି । ଟ୍ରାକ୍ଟରରେ ଥିବା ୪ ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରା ଉଚୁରା ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ସହକାରୀ ବନ ସଂରକ୍ଷକ ଆଶିଷ କୁମାର କହଁରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ପୁତନା ସଂରକ୍ଷିତ ଜଙ୍ଗଲରୁ କାଠ ନେଇ ଆସୁଥିବା ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରାଯାଇଥିଲା । ଟ୍ରାକ୍ଟରରୁ ଚୋରା ଚାଲାଣ ହେଉଥିବା କାଠ ଜବତ ହୋଇଥିଲା। ଚଢାଉରେ ବନରକ୍ଷୀ ପ୍ରକାଶ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ନୀଲୁ ପାଣିଗ୍ରାହୀ, ଉଷାରାଣୀ ଜଗଦ୍ଦେବ ଓ ସନ୍ତୋଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ଶ୍ରୀଜଗନ୍ନାଥଙ୍କ ନୃସିଂହ ଅବତାର



ନୃସିଂହ ଅବତାରରେ ଶ୍ରୀଜଗନ୍ନାଥ ।

**ବାଉଁଶୁଣୀ, ୧୧।୭ (ଦେବାଶିଷ ନେପାକ)**

ଗୁରୁବାର ସନ୍ଧ୍ୟାରେ ବୌଦ୍ଧ ବ୍ଲକ ବାଉଁଶୁଣୀ ଛକସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରର ମହାପ୍ରଭୁ ଆଡ଼ପ ମଣ୍ଡପରେ ନୃସିଂହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଶ୍ରୀଜଗନ୍ନାଥଙ୍କ ନୃସିଂହ ଅବତାର ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ରଥଯାତ୍ରା ଅବସରରେ ପ୍ରତିବର୍ଷ ଠାକୁର ଆଡ଼ପ ମଣ୍ଡପରେ ଦଶାବତାର ଧାରଣ କରିବାର ପରମ୍ପରା ରହିଛି। ପୂଜକ ଲିଟୁ ଆଚାର୍ଯ୍ୟଙ୍କ ସମେତ ବେଶକାରୀମାନେ ଠାକୁରଙ୍କୁ ନୃସିଂହ ଅବତାରରେ ସଜ୍ଜିତ କରିଥିଲେ ।

# ଭାଲିଆମୁଣ୍ଡା ରଥଯାତ୍ରାର ଅନନ୍ୟ ପରମ୍ପରା

**ଲୋଇସିଂହା, ୧୧।୭ (ସୁଶାନ୍ତ ବାରିକ)**



ଭାଲିଆମୁଣ୍ଡା ଯାତ୍ରା ପଡ଼ିଆରେ ରଥାରୂଢ଼ ତିନି ଠାକୁର ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭାଲିଆମୁଣ୍ଡା ଗାଁରେ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ରଥଯାତ୍ରାରେ ଅନନ୍ୟ ପରମ୍ପରା ଦେଖିବାକୁ ମିଳିଥାଏ। ଦ୍ୱିତୀୟାରେ ରଥାରୂଢ଼ ତିନି ଠାକୁର ପଞ୍ଚମୀ ତିଥିରେ ମାଉସୀ ମା'ଙ୍କ ଘରକୁ ବିରାଜମାନ କରିଥାନ୍ତି। ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଅବତାର ନୀତି କରାଯାଇ ନ ଥାଏ। ତୃତୀୟାରୁ ନବମୀ ଯାଏ ଭାଗବତ ପରାୟାଣ ଓ ନବମୀରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥାଏ। ପ୍ରାୟ ୧୮୦ ବର୍ଷ ଧରି ଏହି ପରମ୍ପରା ଚାଲି ଆସିଥିବା ଗ୍ରାମର ଅଧାପକ ରୁଦ୍ରଧର ତ୍ରିପାଠୀ କହିଛନ୍ତି। ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ବସ୍ତିରେ ରହିଛି ବଳଦେବଜୀଉ ମନ୍ଦିର। ଦ୍ୱିତୀୟା ତିଥିରେ ବଳଦେବଜୀଉ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ପୁରୋହିତ ଜୟନାରାୟଣ ମିଶ୍ରଙ୍କ ମନ୍ତ୍ରପାଠ, ପୂଜକ ଗୁଣନିଧି ମିଶ୍ର ଓ ଦୟାନିଧି ମିଶ୍ର ନୀତିକାନ୍ତି କଲା ପରେ ଗ୍ରାମର ଗଉଁନ୍ତିଆ ପ୍ରଭୁଦତ୍ତ ମିଶ୍ର ଏବଂ ଗ୍ରାମବାସୀ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରିଥିଲେ। ପରେ ମାଉସୀ ମା' ମନ୍ଦିର ଯାତ୍ରା ପଡିଆ ଯାଏ ରଥାଟଣା ହୋଇଥିଲା। କିନ୍ତୁ ସେହିଦିନ ମହାପ୍ରଭୁ ମାଉସୀ ମା' ମନ୍ଦିରକୁ ବିରାଜ କରି ନ ଥାନ୍ତି। ଏଠାରେ ପ୍ରତିବର୍ଷ ତୃତୀୟା ଓ ଚତୁର୍ଥୀରେ ତିନି ଠାକରଙ୍କୁ ରଥ ଉପରେ ନୀତିକାନ୍ତି କରାଯାଇଥାଏ। ଯୁବ ପୁରୋହିତ ମିଶ୍ରଙ୍କ କହିବା ଅନୁଯାୟୀ, ପଞ୍ଚମୀ ତିଥିରେ ସବୁବର୍ଷ ମାଉସୀ ମା' ମନ୍ଦିରକୁ ବିରାଜମାନ କରିଥାନ୍ତି। ଏହି କ୍ରମରେ ଚଳିତବର୍ଷ ବୁଧବାର ରଥରେ ଅବକାଶ ନୀତି ଓ ମଙ୍ଗଳା ଆଳତି କରାଯିବା ପରେ ପହଣ୍ଡି ବିଜେ କରି ମାଉସୀ ମା' ମନ୍ଦିର ମଣ୍ଡପକୁ ଠାକୁରଙ୍କୁ ନିଆଯାଇଥିଲା। ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଏହି ଅବସରରେ ଭାଗବତ ପାରାୟଣ ଚାଲିଛି। ଗୁରୁବାର ଥିଲା ଚତୁର୍ଥ ଦିବସ। ବ୍ୟାସ ଭାବେ ମହେନ୍ଦ୍ର ମିଶ୍ର ପାରାୟଣ କରୁଥିବା ବେଳେ କାହ୍ନୁଚରଣ ମିଶ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଗଉଁନ୍ତିଆ ପ୍ରଭୁଦତ୍ତ କହିଛନ୍ତି, ମହାପ୍ରଭୁଙ୍କ ବିଭିନ୍ନ ଅବତାର ପାଇଁ ସାମଗ୍ରୀ ନାହିଁ । ବଳଦେବଜୀଉଙ୍କ ପାଣ୍ଠି ନାହିଁ । ସରଞ୍ଜାମ କିଣିବାକୁ ହେଲେ ଲକ୍ଷାଧିକ ଟଙ୍କା ଲାଗିବ। ଏଣୁ ଭାଗବତ ପାରାୟଣ ଓ ନାମଯଜ୍ଞ ଆୟୋଜିତ କରିଥାଉ ବୋଲି ଗଉଁନ୍ତିଆ ମିଶ୍ର କହିଛନ୍ତି।

**ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଦେହାନ୍ତ**

ରିଷିଡା, (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା ନିବାସୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳମଣି ସାହୁଙ୍କ ଗୁରୁବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ, ତିନି ଝିଅ, ସ୍ତ୍ରୀ ତଥା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବଡପୁଅ ସଞ୍ଜୟ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଗ୍ରାମ ଉନ୍ନୟନ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି।

# ସ୍କୁଲ ମାଟି ମାଡ଼ିନାହାନ୍ତି ୨୨ରୁ ଊର୍ଦ୍ଧ୍ୱ ପିଲା

ଭବାନୀପାଟଣା,୧୧।୭(ଉତ୍ତମ କୁମାର ଦାଶ)


ସଂଗ୍ରାମ ମାଝି

**ନୂଆମକାଗୁଡ଼ା ଗାଁ**
- ଆଲୋକବର୍ତ୍ତିକା ୯ମଶ୍ରେଣୀ ଛାତ୍ର ସଂଗ୍ରାମ
- ଝାଟିମାଟି ସ୍କୁଲ କରି ପିଲାଙ୍କୁ ପଢ଼ାଉଛନ୍ତି

ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ୧କି.ମି. ଦୂରତ୍ୱରେ ବିଦ୍ୟାଳୟ ନ ଥିବା ଗ୍ରାମ ଚିହ୍ନଟ କରାଯାଇ ନୂତନ ବିଦ୍ୟାଳୟ ସ୍ଥାପନ ବ୍ୟବସ୍ଥା କରାଯାଇପାରିବ। ଏଥିପାଇଁ ପ୍ରଶାସନିକ ସ୍ତରରେ ଶିକ୍ଷା ବିଭାଗର ସମଗ୍ର ଶିକ୍ଷା କାର୍ଯ୍ୟାଳୟରୁ ନୂତନ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ନିମନ୍ତେ ସରକାରଙ୍କ ଅନୁମୋଦନ ମାଗିପାରିବେ। ମାତ୍ର ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଯାତାୟାତ ଯୋଗ୍ୟ ରାସ୍ତା ନ ଥିବା ଓ ସରକାରୀ ଜମି ନ ଥିବା ଦର୍ଶାଇ ବିଦ୍ୟାଳୟ ସ୍ଥାପନ ନିମନ୍ତେ ସରକାରଙ୍କ ବିଧିବ୍ୟବସ୍ଥା ବାଧକ ସାଜିଛି। ଏହି କାରଣରୁ ପିଲାଏ ଶିକ୍ଷା ଅଧିକାର ଆଇନରୁ ବଞ୍ଚିତ ହେଉଥିଲେ ହେଁ ଏଥିପ୍ରତି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। କଳାହାଣ୍ଡି ଜିଲାର ଉପାନ୍ତ ଅଞ୍ଚଳରେ ଏଭଳି ଅନେକ ଗାଁ ରହିଛି ଯେଉଁଠି ପିଲା ସ୍କୁଲ ବାରଣ୍ଡା ମାଡ଼ିପାରି ନାହାନ୍ତି।

ଭବାନୀପାଟଣା ବ୍ଲକ୍ ଶଗଡ଼ା ପଞ୍ଚାୟତର ନୂଆମକାଗୁଡ଼ା ଗାଁ। ଏହି ଗାଁରେ ପ୍ରାୟ ୧୬ଟି ପରିବାର ରହୁଛନ୍ତି। ନିକଟ ପାହାଡ଼ରେ ସେମାନେ ପିଢ଼ିପିଢ଼ି ଧରି ରହିଆସୁଥିଲେ। ଦୁର୍ଗମ ଅଞ୍ଚଳରେ ରହୁଥିବା କାରଣରୁ ମୌଳିକ ସୁବିଧା ଏପରି କି ସରକାରୀ ଯୋଜନାରୁ ବଞ୍ଚିତ ହେଉଥିଲେ। ଶେଷରେ ସମୟ ସାଥେ ନିଜକୁ ବଦଳାଇବାକୁ ଉଦ୍ୟମ କଲେ। ୨୦୧୭ରେ ସେମାନେ ପୂର୍ବଜଙ୍କ ଗାଁ ଛାଡ଼ି ପାହାଡ଼ ତଳକୁ ଓହ୍ଲାଇ ନୂଆମକାଗୁଡ଼ା ଗ୍ରାମ ସ୍ଥାପନକରି ରହୁଛନ୍ତି। ଗାଁକୁ ଆଜିଯାଏ ବିଜୁଳି ସଂଯୋଗ କିମ୍ବା ରାସ୍ତା ନାହିଁ। ଗୋଟିଏ ନଳକୂପରୁ ବାହାରୁଥିବା କଠିନ ଧାତୁ ମିଶ୍ରିତ ଦୂଷିତ ଜଳ ସେମାନଙ୍କ ଭରସା। ପଞ୍ଚାୟତ ପକ୍ଷରୁ ସୋଲାର ଲାଇଟ୍ ଦିଆଯାଇଛି। ହେଲେ ଖରାପ ଥିବାରୁ ଗାଁକୁ ଆଲୋକିତ କରିପାରୁ ନାହିଁ। ଗ୍ରାମବାସୀ ବର୍ତ୍ତମାନ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ। ଗାଁରେ ୨୨ରୁ ଅଧିକ ୫ରୁ ୧୦ବର୍ଷର ପିଲା ଅଛନ୍ତି। ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ର ନାହିଁ। ପିଲାମାନେ ସ୍କୁଲର ବାରଣ୍ଡା ଆଜିଯାଏ ମାଡ଼ିନାହାନ୍ତି। ପ୍ରଶାସନ କିମ୍ବା ଶିକ୍ଷା ବିଭାଗର ଏଥିପ୍ରତି ଦୃଷ୍ଟି ନାହିଁ।

ଏହି ଗାଁର ଜଣେ ମାତ୍ର ପିଲା ସଂଗ୍ରାମ ମାଝି ଏବେ ଶଗଡ଼ା ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି। ଗାଁର ଅନ୍ୟ ପିଲାଙ୍କ ପାଇଁ ସେ ସାଜିଛନ୍ତି ଆଲୋକବର୍ତ୍ତିକା। ଗାଁ ଲୋକେ ଚାଳ, ଝାଟିମାଟିରେ ଜରିପାଲ ଦେଇ ଏକ ସ୍କୁଲ ଘର ତିଆରି କରିଛନ୍ତି। ସେଠାରେ ପ୍ରତିଦିନ ସକାଳେ ୨ ଘଣ୍ଟା ଓ ସନ୍ଧ୍ୟାରେ୨ ଘଣ୍ଟା ଗାଁ ପିଲା ପାଠ ପଢ଼ନ୍ତି। ସଂଗ୍ରାମ ସେମାନଙ୍କୁ ପାଠ ପଢ଼ାଇ ପୂର୍ବାହ୍ନ ୧୦ଟାରେ ୫ କି.ମି. ଦୂର ଶଗଡା ସ୍କୁଲକୁ ପଢ଼ିବାକୁ ଯାଆନ୍ତି। ୪ଟାରେ ସ୍କୁଲରୁ ଫେରିବା ପରେ ପୁଣି ପଢ଼ାନ୍ତି। ଏହା ତାଙ୍କର ନିୟମିତ କାମ। ତେବେ ୬ରୁ ୧୪ବର୍ଷ ବୟସ୍କ ଶିଶୁଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ଥିବା ସମଗ୍ର ଶିକ୍ଷା ଏହି କ୍ଷେତ୍ରରେ ବ୍ୟତିକ୍ରମ ସାଜିଛି। ଗାଁରେ ସ୍କୁଲ ସ୍ଥାପନ କରାଯାଇ ପିଲାଙ୍କୁ ସରକାରଙ୍କ ମଧ୍ୟାହ୍ନଭୋଜନଠାରୁ ଆରମ୍ଭକରି ପୋଷାକ, ପାଠ୍ୟପୁସ୍ତକ ଓ ଉପକରଣ ଯୋଗାଇଲେ ଏହି ପିଲାଙ୍କ ଭବିଷ୍ୟତ ସୁଧୁରିପାରନ୍ତା ବୋଲି ଗ୍ରାମବାସୀ ଆଶା ପ୍ରକାଶ କରୁଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାରଙ୍କୁ ପଚାରିବାରୁ ନୂଆ ସ୍କୁଲ ପାଇଁ ପଦକ୍ଷେପ ନିଆଯାଇପାରିବ। ଗାଁକୁ ଯାଇ ସ୍ଥିତି ଯାଞ୍ଚ କରିବେ ବୋଲି କହିଛନ୍ତି।


ସ୍କୁଲ ମାଟି ମାଡ଼ି ନ ଥିବା ଶିଶୁ ।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥଙ୍କ ନୃସିଂହ ଅବତାର ବେଶ



ରିଷିଡ଼ା,୧୧।୭ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା ମାଉସୀ ମା' ମନ୍ଦିରରେ ଗୁରୁବାର ଶ୍ରୀଜଗନ୍ନାଥଙ୍କ ନୃସିଂହ ଅବତାର ବେଶ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଏହି ବେଶ ଦର୍ଶନ କରିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ନୀତିକାନ୍ତିରେ ମନ୍ଦିର କମିଟିର ଦୁଃଖିମଣି ସାହୁ, ଧନଞ୍ଜୟ ସାହୁଙ୍କ ସମେତ କମିଟି ସଭାପତି ଶିବଲାଲ କେଡିଆ, ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଉପସଭାପତି କ୍ଷୀରସାଗର ରଣା ପ୍ରମୁଖ ସହଯୋଗ କରୁଛନ୍ତି।

### ଛୁରା ମାଡ଼ ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

ଭବାନୀପାଟଣା/କଳମପୁର,୧୧।୭ (ଉତ୍ତମ କୁମାର ଦାଶ/ଗଣେଶ ରାମ ବାଗ)

କଳାହାଣ୍ଡି ଜିଲା କଳମପୁର ଥାନା ପରୁଆଗୁଡା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୁଧବାର ଛୁରା ମାଡ଼ ହୋଇଥିଲା। ଏଥିରେ ଗ୍ରାମର ବୃଦ୍ଧା କୃଷ୍ଣପ୍ରିୟା ପଟେଲ ଓ ତାଙ୍କ ୩ ମାସର ନାତି ଗୁରୁତର ହୋଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଦୈତାରି ପଟେଲଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାକୁ ନେଇ କଳମପୁର ଥାନାରେ ଏକ ମାମଲା (ନଂ.୭୯/୨୪) ରୁଜୁ ହୋଇଥିଲା। ଅନ୍ୟପଟେ ଛୁରାମାଡ଼ରେ ଆହତ ଜେଜେମା' ଓ ନାତି ବର୍ତ୍ତମାନ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଜଣାପଡିଛି।

### କେସିଙ୍ଗାର ମୂଷାଘାଟିରେ ହାତୀପଲ, ଲୋକେ ଭୟଭୀତ

କେସିଙ୍ଗା,୧୧।୭ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବନ ବିଭାଗ ଅଧୀନ ବାଗାଡ଼ ଗ୍ରାମ ନିକଟ ମୂଷାଘାଟି ଜଙ୍ଗଲରେ ହାତୀପଲ ରହିଥିବା ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବର୍ତ୍ତମାନ ଚାଷୀମାନେ ଧାନ, କପା, ମକା ଇତ୍ୟାଦି ଚାଷ କରିଛନ୍ତି। ବଜ୍ରଗଡ଼ ଜଙ୍ଗଲରୁ ଚାଲିଆସିଥିବା ୫ଟିକିଆ ହାତୀପଲ ଫସଲ ନଷ୍ଟ କରିବା ଆଶଙ୍କାରେ ରହିଛନ୍ତି ଚାଷୀ। କେସିଙ୍ଗା ବନ ବିଭାଗ କର୍ମଚାରୀ ହାତୀପଲକୁ ଠାବକରି ଘଉଡାଇବା ପାଇଁ ଉଦ୍ୟମ ଚଳାଇଛି। ଏ ସଂକ୍ରାନ୍ତରେ କେସିଙ୍ଗା ବନ ବିଭାଗର ରେଞ୍ଜର ପ୍ରଭାତୀ ସେଠଙ୍କୁ ପଚାରିବାରୁ ୫ଟି ହାତୀ ଜଙ୍ଗଲ ଭିତରେ ରହିଛନ୍ତି, ପଦାକୁ ଆସୁନାହାନ୍ତି। ତଥା ଏହା ଉପରେ ସତର୍କଦୃଷ୍ଟି ରଖାଯାଇଛି ବୋଲି କହିଥିଲେ।

### ଚୋରି ଅଭିଯୋଗରେ ୪ କୋର୍ଟ ଚାଲାଣ


ଗିରଫ ୪ ଅଭିଯୁକ୍ତ।

କୋକସରା,୧୧।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ଥାନା ବେହେରା ଗ୍ରାମର ବ୍ୟବସାୟୀ ଲିଙ୍ଗରାଜ ଅଗ୍ରୱାଲଙ୍କ ହାର୍ଡୱେର ଗୋଦାମରୁ ଗତମାସ ୨୬ ତାରିଖରେ ଲୁହା ପାଇପ, ରଡ ଚୋରି ହୋଇଥିଲା। ଏ ନେଇ ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ବେହେରା ଗ୍ରାମର ୪ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମନୋଜ ସିଂ ଠାକୁର (୩୪), ମିନିକେତନ ପୂଜାର (୨୨), ହିମାଂଶୁ ନାଏକ (୩୭) ଓ ଜୟଦ୍ରଥ ପଟେଲ (୨୦)। ସେମାନଙ୍କଠାରୁ ଚୋରି ହୋଇଥିବା ଲୁହା ପାଇପ, ରଡ଼ ଜବତ ହୋଇଛି। ଏ ନେଇ ଥାନାରେ ୧୫୧/୨୪ରେ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ପୋଲିସ ଏସ୍‌ଆଇ ଅନୀଲ ପାଢୀ ସୂଚନା ଦେଇଛନ୍ତି।

# ବନ ସୁରକ୍ଷା ମହାସଂଘ ଆର୍‌ସିସିଏଫ୍‌ଙ୍କ ଦ୍ୱାରସ୍ଥ

କୋକସରା,୧୧।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)


ଆର୍‌ସିସିଏଫ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବନାଞ୍ଚଳ ଅଧିକାରୀଙ୍କୁ ବଦଳି ଦାବି**

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡର ଧର୍ମଗଡ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉର ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରି ଗୁରୁବାର ସାହାଜଖୋଲ ବନ ସୁରକ୍ଷା ମହାସଂଘ ପକ୍ଷରୁ ଆର୍‌ସିସିଏଫ୍‌ଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ବଦଳି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ମହାସଂଘ ଅଭିଯୋଗକ୍ରମେ ଧର୍ମଗଡ ରେଞ୍ଜ ଅଧିକାରୀ କାଉର ଯୋଗଦେବା ପରଠୁ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ କୌଣସି ଆଖିଦୃଶିଆ ବନୀକରଣ କିମ୍ବା ଉନ୍ନୟନ କାର୍ଯ୍ୟ ହୋଇନାହିଁ। ସଂରକ୍ଷିତ ଜଙ୍ଗଲର ସୁରକ୍ଷା ପାଇଁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସେ ଜଙ୍ଗଲରେ କାଠ ମାଫିଆଙ୍କୁ ପ୍ରଶ୍ରୟ ଦେଉଛନ୍ତି। ଏହାବ୍ୟତୀତ ବେହେରା ଫରେଷ୍ଟ ସେକ୍ସନର ୪ଜଣ ଫରେଷ୍ଟରଙ୍କ ଅଦଳବଦଳ କରିବାରେ ତାଙ୍କ ହାତ ରହିଥିବା ଅଭିଯୋଗ ଆଣିଛନ୍ତି। ତେଣୁ ତୁରନ୍ତ ରେଞ୍ଜ ଅଧିକାରୀଙ୍କୁ ବଦଳି କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମହାସଂଘ ସଭାପତି ଭୁଜବଳ ସୋରି, ସମ୍ପାଦକ ଟିକଚନ ମାଝି, କୋଷାଧ୍ୟକ୍ଷ ନିରଞ୍ଜନ ବାଗ, ତଳାଗାଁ ଭିଏସ୍‌ଏସ୍ କମିଟି ସଭାପତି ଭଜମନ ନାଏକ, କନକପୁର ହିମାଞ୍ଚଳ ପୂଜାରି, ଚୋରନିଦୁଆର ତ୍ରିନାଥ ପୋଟା, ଦାବିରୀଗୁଡା ପରୀକ୍ଷିତ ବେଶ୍ରା, କରଙ୍ଗାପଡା ବେଣୁଧର ଦାସ, ଗୋତମୁଣ୍ଡା ଦ୍ରୋଣ ପୂଜାରୀ ଓ କରାଡଙ୍ଗରି ସଭାପତି ସୁବାସ ଖର୍ସେଲ ପ୍ରମୁଖ ଆର୍‌ସିସିଏଫ୍‌ଙ୍କୁ ତାଙ୍କ ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜ ଅଫିସର କାଉରଙ୍କୁ ପଚାରିବାରୁ ସାହାଜଖୋଲ ଜଙ୍ଗଲ ସୁରକ୍ଷାରେ କୌଣସି ଅବହେଳା କରାଯାଇନାହିଁ କି କୌଣସି ଅନୈତିକ କାର୍ଯ୍ୟ କରାଯାଇନାହିଁ। ଯେତିକି କର୍ମଚାରୀ ଅଛନ୍ତି ସମସ୍ତଙ୍କୁ ନେଇ ମୁଁ ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରୁଛି। ମୁଁ ଯୋଗଦେବା ପରଠୁ ନବରଙ୍ଗପୁର ଜିଲା ସହ ଅନ୍ୟ ଅଞ୍ଚଳର ୩୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି।

## ସିନାପାଲିଠାରେ ହେରାପଞ୍ଚମୀ ନୀତି

ସିନାପାଲି,୧୧।୭ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିରରେ ପବିତ୍ର ହେରାପଞ୍ଚମୀ ନୀତି ଗୁରୁବାର ଅନୁଷ୍ଠିତ ହୋଇଛି। ମନ୍ଦିରଠାରୁ ଶୋଭାଯାତ୍ରାରେ ଏକ ସୁସଜ୍ଜିତ ପାଲିଙ୍କିରେ ମା' ଲକ୍ଷ୍ମୀଙ୍କୁ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ସେଠାରେ ମା' ଲକ୍ଷ୍ମୀଙ୍କୁ ବନ୍ଦାପନା ପରେ ଆଡ଼ପମଣ୍ଡପରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଏହା ପରେ ପ୍ରଭୁଙ୍କ ଉପରେ ଅସନ୍ତୁଷ୍ଟ ମା' ଲକ୍ଷ୍ମୀ ବିଧି ଅନୁଯାୟୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭାଙ୍ଗିଥିଲେ। ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ପ୍ରଭୁ ଜଗନ୍ନାଥ ମାତା ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ଛାଡ଼ି ଦେଇ ବଳଭଦ୍ର ଓ ସୁଭଦ୍ରାଙ୍କୁ ନେଇ ମାଉସୀ ଘରକୁ ଆସିଥିବାରୁ ଅସନ୍ତୁଷ୍ଟ ମା' ଲକ୍ଷ୍ମୀ ହେରାପଞ୍ଚମୀ ତିଥିରେ ନନ୍ଦିଘୋଷ ରଥ ଭାଙ୍ଗିବା ପରମ୍ପରା ରହିଛି।

## ମୃତ କିଡ୍‌ନୀ ରୋଗୀଙ୍କ ପରିବାରକୁ ଭେଟିଲେ ବିଧାୟକ

କେସିଙ୍ଗା,୧୧।୭ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଚାଞ୍ଚେର ପଞ୍ଚାୟତର ଅମଠା ଗ୍ରାମରେ ଗତ ଜୁନ୍‌ରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ଭବାନୀପାଟଣା ବିଧାୟକ ସାଗର ଚରଣ ଦାଶ ଗୁରୁବାର ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ। ସୂଚନା ଅନୁସାରେ କିଡ୍‌ନୀ ରୋଗରେ ଗ୍ରାମର ହରି ମାଝି, ବନିତା ମାଝି, କୃତ୍ତିବାସ ଜାନିଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଆଉ ୩ଜଣ ମଥୁରା ମାଝି, ଚିନ୍ତାମଣି ମାଝି ଓ ଦକ୍ଷ ଭାଟି ଆକ୍ରାନ୍ତ ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବାକୁ ସେ ଜିଲା ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମରେ ପାନୀୟଜଳ ଅଭାବ ଯୋଗୁ ଲୋକମାନେ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବାରୁ ବିଧାୟକ ଉଦ୍‌ବେଗ ପ୍ରକାଶକରି ବିଧାନସଭାରେ ପ୍ରଶ୍ନ କରିବେ ବୋଲି କହିଥିଲେ। ପରେ ସେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଧାୟକଙ୍କ ସହ ଚାଞ୍ଚେର ପଞ୍ଚାୟତର ସରପଞ୍ଚ ଅଞ୍ଜୁ କୁମାର, କେସିଙ୍ଗା ଏନ୍‌ଏସିର ପୂର୍ବତନ କାଉନସିଲର ବିଜୟ ଦୀପ ସାମିଲ ଥିଲେ।

## କଳାହାଣ୍ଡି ପାଇଁ ପୁଣି ଗୌରବ ଆଣିଲେ ସାଇନା

ଭବାନୀପାଟଣା,୧୧।୭ (ଉତ୍ତମ କୁମାର ଦାଶ)

ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ବାର୍ଷିକ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୪୭ତମ ର୍‍ୟାଙ୍କ ରଖି କଳାହାଣ୍ଡି ପାଇଁ ପୁଣି ଗୌରବ ଆଣିଛନ୍ତି ଜୁନାଗଡ଼ର ଝିଅ ସାଇନା ଅଗ୍ରୱାଲ। ସମୁଦାୟ ୬୦୦ମାର୍କରୁ ୪୧୮ ମାର୍କ ରଖି ସେ ଏହି ସଫଳତା ପାଇଛନ୍ତି। ଏହି ସଫଳତାକୁ ନେଇ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସାଇନା ଜୁନାଗଡ଼ ସହରର ସୁନୀଲ ଅଗ୍ରୱାଲ ଓ ରୀନା ଅଗ୍ରୱାଲଙ୍କ ଝିଅ ଅଟନ୍ତି। ଏହାପୂର୍ବରୁ ସାଇନା ୨୦୧୯ ନଭେମ୍ବର ମାସରେ ହୋଇଥିବା ସିଏ ଫାଉଣ୍ଡେଶନ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧ ନମ୍ବର ର୍‍ୟାଙ୍କ ରଖିଥିବାବେଳେ ୨୦୨୧ ଜୁଲାଇ ମାସରେ ହୋଇଥିବା ସିଏ ଇଣ୍ଟରମେଡ଼ିଏଟ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୨ତମ ର୍‍ୟାଙ୍କ ରଖି ଚର୍ଚ୍ଚାକୁ ଆସିଥିଲେ।

# ରେଳମନ୍ତ୍ରୀଙ୍କୁ ଭେଟିଲେ ଡ. ଭବାନୀ ଶଙ୍କର ନିଆଲ

ଭବାନୀପାଟଣା,୧୧।୭(ଉତ୍ତମ କୁମାର ଦାଶ)

ଦିଲ୍ଲୀ ରେଳ ଭବନଠାରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି କଳାହାଣ୍ଡି ରେଳଯାତ୍ରୀ ସଂଘ ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଜରିଆରେ ଡ. ନିଆଲ ସାକ୍ଷାତ କରି କଳାହାଣ୍ଡି ଓ ନୂଆପଡ଼ା ଜିଲାର ରେଳ ସମସ୍ୟା ଓ ତା'ର ସମାଧାନ ପାଇଁ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ କଳାହାଣ୍ଡିର ବହୁଚର୍ଚ୍ଚିତ ନର୍ଲା ରେଳ, ୱାଗନ ଫ୍ୟାକ୍ଟ୍ରି, ଜୁନାଗଡ଼ରୁ ନବରଙ୍ଗପୁର ରେଳ ସଂଯୋଗୀକରଣ, ଟିଟିଲାଗଡ଼ରୁ ବିଶାଖାପାଟଣା ପର୍ଯ୍ୟନ୍ତ କେସିଙ୍ଗା ଷ୍ଟେଶନରେ ଉଭୟ ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନ୍‌ରେ ଅନ୍‌ଲୋଡିଂ ସୁବିଧା, କେସିଙ୍ଗାଠାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ, ସପ୍ତାହରେ ୩ଦିନ କେସିଙ୍ଗା ପର୍ଯ୍ୟନ୍ତ ଇସ୍ପାତ ଟ୍ରେନ ସମ୍ପ୍ରସାରଣ, ରେଳ ଟିକେଟ କୋଟା ଅନ୍ତର୍ଗତ କେସିଙ୍ଗା ଷ୍ଟେଶନକୁ ଅନ୍ତର୍ଭୁକ୍ତ କରିବା, ନର୍ଲାରୋଡ ଷ୍ଟେଶନରେ ସମତା,ତିରୁପତି ଓ ଧାନବାଦ ଏକ୍ସପ୍ରେସ ଟ୍ରେନ ରହଣି, ଭବାନୀପାଟଣା ପାଖ କୁଟୁରୁଖମାର ନୂଆ ହସ୍ପିଟାଲ ପାଖରେ ଏକ ଅଣ୍ଡର ବ୍ରିଜ ନିର୍ମାଣ ଆଦି ଉଲ୍ଲେଖ କରାଯାଇଛି। କଳାହାଣ୍ଡି ଜିଲା ଭବାନୀପାଟଣା ରେଲୱେ ଷ୍ଟେଶନରେ ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ ପ୍ରମୁଖ ଦାବି ରହିଥିଲା। ଏହି ସମୟରେ କଳାହାଣ୍ଡି ରେଳ ଯାତ୍ରୀ ସଂଘର ଉପସଭାପତି ରାକେଶ ସାହୁ ଉପସ୍ଥିତ ଥିଲେ।

# ବୈଷୟିକ ଶିକ୍ଷା ପାଇଁ କାଉନସେଲିଂ

**ଆଦିମ ଜନଜାତି ଓ ଅନ୍ୟ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ସୁଯୋଗ**

ଲାଞ୍ଜିଗଡ଼,୧୧।୭(ରମେଶ ଚନ୍ଦ୍ର ନାୟକ)

ଆଦିମ ଜନଜାତି ଓ ଅନ୍ୟ ବର୍ଗର ଛାତ୍ରୀଛାତ୍ରଙ୍କ ବୈଷୟିକ ଶିକ୍ଷା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ କଳାହାଣ୍ଡି ଜିଲା ଲାଞ୍ଜିଗଡ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଗୁରୁବାର ଭବାନୀପାଟଣା, ଜୁନାଗଡ଼ ଓ ଧର୍ମଗଡ଼ସ୍ଥିତ ଆଇଟିଆଇ ପକ୍ଷରୁ ବିଭିନ୍ନ ପାଠ୍ୟକ୍ରମରେ ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ କାଉନସେଲିଂ କରାଯାଇଛି। କାର୍ଯ୍ୟକ୍ରମରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ପ୍ରକଳ୍ପ ଅଧିକାରୀ ଲମ୍ବୋଦର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଭବାନୀପାଟଣା ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ସହକାରୀ ପ୍ରଶିକ୍ଷଣ ଅଧୀକ୍ଷକ ସରୋଜ କୁମାର ବେହେରା ଓ ଜୁନାଗଡ଼ ଶିଳ୍ପ ତାଲିମ କେନ୍ଦ୍ରର ସହକାରୀ ପ୍ରଶିକ୍ଷଣ ଅଧୀକ୍ଷକ ପ୍ରସନ୍ନ କୁମାର ମଲ୍ଲିକ ଉପସ୍ଥିତ ରହି କାଉନସେଲିଂ ପାଇଁ ଆସିଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ଆବେଦନ ଫର୍ମ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ଗତ ଏପ୍ରିଲ ୧ରୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଥିବାବେଳେ ଜୁଲାଇ ୧୬ରେ ମନୋନୀତ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଅନ୍‌ଲାଇନ ଆବେଦନ ଜୁନ୍ ୨୪ରୁ ଜୁଲାଇ ୨୦ ପର୍ଯ୍ୟନ୍ତ ଚାଲିବ ଓ ୨୬ରୁ ନାମଲେଖା ଆରମ୍ଭ ହେବ ବୋଲି ଜଣାପଡିଛି। ଅଗଷ୍ଟ ୬ରେ ସ୍ପଟ୍ ନାମଲେଖା ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି।


ଅଧିକାରୀଙ୍କ ସହ କାଉନସେଲିଂ ପାଇଁ ଆସିଥିବା ଛାତ୍ରଛାତ୍ରୀ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ବୈଠକ

କେସିଙ୍ଗା,୧୧।୭ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ସଦ୍‌ଭାବନା ସଭାଗୃହଠାରେ ବୁଧବାର ଶିଶୁ ଶ୍ରମକ ନିରାକରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଡ୍‌ଆକ୍ଟ ଆକ୍ସନ, ୟୁନିସେଫ୍ ଓଡ଼ିଶା ଓ ପ୍ରଶାସନର ମିଳିତ ଆନୁକୂଲ୍ୟରେ ବୈଠକ ହୋଇଥିଲା। ଏଥିରେ ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ, ସିଡିପିଓ ସୁଷମା ମିଶ୍ର, ଏଏଲ୍‌ଓ ଜିତମ ମାଝି, ଆଡ୍ ଆକ୍ଟ ଆକ୍ସନର ଷ୍ଟେଟ ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋତି ପ୍ରକାଶ ବ୍ରହ୍ମ, ଜିଲା ସଂଯୋଜକ ଦିବ୍ୟରଞ୍ଜନ ଜୋଷୀ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଚାନ୍ଦ ଆସନ୍ତା ୧ବର୍ଷ ମଧ୍ୟରେ କେସିଙ୍ଗା ସହରକୁ କିଭଳି ଶିଶୁ ଶ୍ରମିକମୁକ୍ତ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ଜିଲା ଅଧିକାରୀମାନେ ହୋଟେଲ, ଢାବା, ବ୍ୟବସାୟିକ ପ୍ରତିଷ୍ଠାନ କରିଥିବା ମାଲିକଙ୍କ ଉଦ୍ଦେଶ୍ୟରେ କହିଥିଲେ, ଯେଉଁମାନେ ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜିତ କରାଇବେ ସେମାନଙ୍କୁ ୨୦ହଜାରରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ ସହ ଜେଲଦଣ୍ଡ ଭୋଗିବାକୁ ପଡ଼ିବ।

# ଅପହରଣର ୧୦ଦିନ ପରେ ଉଦ୍ଧାର

ନୂଆପଡ଼ା,୧୧।୭ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଜୋଙ୍କ ଥାନା ବୋଇରଭାଡି ଗାଁର ଜୟରାମ ନାଏକଙ୍କ ବଡପୁଅ ବୈକୁଣ୍ଠ (୩୨) ଅପହରଣର ୧୦ଦିନ ପରେ ଗୁରୁବାର ରାୟପୁରରୁ ଉଦ୍ଧାର ହୋଇଛନ୍ତି। ସୂଚନା ମୁତାବକ ୨ବର୍ଷ ତଳେ ଜୟରାମଙ୍କ ସାନ ପୁଅ ପବିତ୍ର ନାଏକ ଅନ୍‌ଲାଇନରେ ବିଭିନ୍ନ ଆପ ଜରିଆରେ ପ୍ରାୟ ୨ ଲକ୍ଷ ଟଙ୍କା ଋଣ କରିଥିଲେ । ସେଥିରୁ କିଛି ଟଙ୍କା ଶୁଝି ସାରିଥିଲେ। ଅବଶିଷ୍ଟ ଟଙ୍କା ଶୁଝିବା ପାଇଁ ଆପରୁ ବାରମ୍ବାର ଫୋନ କଲ ଆସିବାରୁ ସେ ବାପାଙ୍କ ଉପରେ ଚାପ ପକାଇଥିଲେ। ବାପା ଜମିବାଡି ବନ୍ଧା ପକାଇ ଋଣ ଶୁଝିବା ପାଇଁ ପବିତ୍ରଙ୍କୁ ଟଙ୍କା ଦେଇଥିଲେ। ପବିତ୍ର ଋଣଟଙ୍କା ଶୁଝି ଦେଇଥିବା ପରିବାର ଲୋକଙ୍କୁ କହିଥିଲେ। ହେଲେ ସେ ବାହାରେ ପଢୁଥିବାରୁ ଟଙ୍କା ଖର୍ଚ୍ଚ କରିଦେଇ ସବୁତକ ଋଣ ଶୁଝି ନ ଥିଲେ। ଏପରିସ୍ଥଳେ ଜୁଲାଇ ୨ରେ ବୈକୁଣ୍ଠ ଜଣେ ଲୋକ ଫୋନ କରିଛି ମୁଁ ଖରିଆର ରୋଡ ଯିବି ବୋଲି ମା'ଙ୍କୁ କହିବାରୁ ସେ କାମ ଅଛି କହି ମନା କରିଥିଲେ । ହେଲେ ବୈକୁଣ୍ଠ ନ ମାନି ଘରୁ ବାହାରି ଅନ୍ୟଜଣେ ଯୁବକଙ୍କ ସହ ବାଇକ୍‌ରେ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଫୋନ କରିଥିଲେ। କିନ୍ତୁ ବୈକୁଣ୍ଠ ମୋତେ ଏକ କାର୍‌ରେ ଲୋକମାନେ ନେଇ ଯାଉଛନ୍ତି ବୋଲି କହିଥିଲେ। ପରିବାର ଲୋକେ ଏହାକୁ ହାଲୁକା ଭାବରେ ନେଇଥିଲେ। ପରେ ସାନଭାଇ ପବିତ୍ର ମୋବାଇଲରେ ସାଢେ ତିନି ଲକ୍ଷ ଟଙ୍କା ତୋ ଭାଇ ଆକାଉଣ୍ଟରେ ପଠାଇଦିଅ ଛାଡିଦେବୁ ବୋଲି ଫୋନ କଲ ଆସିଥିଲା । ପରିବାର ଲୋକ ବିଶ୍ୱାସକୁ ନେଇ ନ ପାରି ଟଙ୍କା ପଠାଇଲେ ନାହିଁ। ପରେ ଅପହରଣକାରୀ ଉତ୍‌କ୍ଷିପ୍ତ ହୋଇ ବୈକୁଣ୍ଠଙ୍କୁ ମାଡ ମାରି ପରିବାର ଲୋକଙ୍କୁ ଭୟଭୀତ କରିବା ପାଇଁ ଭିଡିଓ ପଠାଇଥିଲେ। ଭିଡିଓ ଦେଖିବା ପରେ ପରିବାର ଲୋକେ ଆତଙ୍କିତ ହୋଇ ଜୁଲାଇ ୬ରେ ଜୋଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ରାତ୍ରିରେ ଏକ ଘରେ ଦୁଇଜଣ ଯୁବକ ବୈକୁଣ୍ଠଙ୍କୁ ଜଗିବା ପାଇଁ କହି ଅନ୍ୟମାନେ କେଉଁଆଡେ ପଳାଇଥିଲେ। ସେହି ସମୟରେ ଦୁଇ ଜଗୁଆଳି ମଧ୍ୟରେ ଟଙ୍କା ଭାଗବଣ୍ଟା ନେଇ ଝଗଡା ହୋଇଥିଲା। ଏହାରି ସୁଯୋଗରେ ବୈକୁଣ୍ଠ ଦୁଇଜଣଙ୍କୁ ନିସ୍ତୁକ ମାଡ ମାରି ଖସିଆସିଥିଲେ। କିଛିବାଟ ଯିବା ପରେ ସେ ଏକ ଟ୍ରେନ୍ ଲାଇନରେ ଆସି ନାଗପୁର ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ସେ ଏକ ହୋଟେଲକୁ ଯାଇ ସବୁ ଘଟଣା କହିଲା ପରେ ହୋଟେଲ ମାଲିକ ଖାଇବାକୁ ଦେଇ ମୋବାଇଲରେ ପରିବାର ଲୋକ ସହିତ କଥା ହେବାକୁ କହିଥିଲେ। ବୈକୁଣ୍ଠ ପରିବାର ଲୋକ ସହ କଥା ହୋଇ ୫ ଶହ ଟଙ୍କା ପଠାଇଦିଅ ମୁଁ ଯିବି ବୋଲି କହିଥିଲେ। ଗୁରୁବାର ସକାଳେ ସେ ଟ୍ରେନ୍ ଯୋଗେ ରାୟପୁର ଆସି ଏକ ଠେଲାବାଲା ମୋବାଇଲରେ ଫୋନ କରି ଘରକୁ ଜଣାଇଥିଲେ। ରାୟପୁର ଷ୍ଟେଶନ ଅଞ୍ଚଳରେ ରହୁଥିବା ତାଙ୍କ ମାମୁ ବଳରାମ ନାଏକ ବୈକୁଣ୍ଠଙ୍କୁ ନେଇ ଘରେ ରଖିଥିଲେ। ଏହି ଖବର ପାଇ ଜୋଙ୍କ ପୋଲିସ ଯାଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସାଙ୍ଗରେ ଧରି ଫେରୁଛନ୍ତି ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଏ ସଂକ୍ରାନ୍ତରେ ଆଇଆଇସି ଗୁରୁଦେବ କର୍ମୀଙ୍କୁ ପଚାରିବାରୁ ଉଦ୍ଧାର କାର୍ଯ୍ୟରେ ଅଛୁ। ପହଞ୍ଚିଲା ପରେ କିଏ ଓ କାହିଁକି ଅପହରଣ କରିଥିଲେ ସବୁ ତଥ୍ୟ ଦିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ଯାଦବ ସମାଜ ପକ୍ଷରୁ ନିଃଶୁଳ୍କ ପ୍ରସାଦ ବିତରଣ

ରାଉରକେଲା,୧୧।୭(ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଶ୍ରୀରାଧାକୃଷ୍ଣ ମନ୍ଦିର ତଥା ରାଉରକେଲା ଯାଦବ ଉନ୍ନୟନ ସମିତି ପକ୍ଷରୁ ନିଃଶୁଳ୍କ ପ୍ରସାଦ ବିତରଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୧୪ ମସିହାରୁ ଏହି ସେବା ରଥଯାତ୍ରା ଦିନ ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ନିଶୁଳ୍କରେ ସାମୁହିକ ଭାବେ ବିଭିନ୍ନ ଭକ୍ତଙ୍କୁ ପ୍ରସାଦ ଯୋଗାଇ ଦିଆଯାଇଥାଏ । ଚଳିତ ବର୍ଷ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭକ୍ତଙ୍କୁ ପ୍ରସାଦ ବିତରଣ କରିଥିଲେ। ସେହିପରି ଯାଦବ ଉନ୍ନୟନ ସମିତିର ସଭାପତି ହରିହର ବେହେରାଙ୍କ ୭୦ତମ ଜନ୍ମ ଜୟନ୍ତୀ ପାଳନ କରାଯାଇ ତାଙ୍କୁ ଶୁଭେଚ୍ଛା ସହ କେକ୍ କଟାଯାଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଅତିଥିମାନେ ପ୍ରସାଦ ବିତରଣ ସହ କ୍ଷୀରି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରବୀନ୍ଦ୍ର ପାଣ୍ଡବ, କାଳନ୍ଦିଚରଣ ବାରିକ, ଡକ୍ଟର ଶକ୍ତି ପ୍ରସାଦ ସାମାନ୍ତରାୟ, ବିଷ୍ଣୁଚରଣ ବେହେରା, ଗୁରୁଚରଣ ଦାସ, କୈବଲ୍ୟ ସାହାଣୀ, ସୌମ୍ୟରଞ୍ଜନ ବେହେରା, ଅମିତ ଚୌଧୁରୀ, ବିନୋଦ ପଣ୍ଡା, ଶାନ୍ତଲତା ବେହେରା, ଶ୍ରବଣ କୁମାର ସା, କଳନଲତା ଜେନା, ଗଙ୍ଗାଧର ଦାଶ, ବିଜେପି ସଭାନେତ୍ରୀ ଲତିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

କୁଆଁରମୁଣ୍ଡା,୧୧।୭
(ମହେନ୍ଦ୍ର କୁମାର ସାହୁ)

ଏକ ବିଷଧର ସାପ କାମୁଡାରେ କୁଆଁରମୁଣ୍ଡାର ବାସନ୍ତୀ ଜେନା(୬୫)ଙ୍କର ଗୁରୁବାର ମୃତ୍ୟୁ ହୋଇଛି ବୋଲି କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ଫାଣ୍ଡି ପୋଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଥାଉକି କି,ବୁଧବାର ବିଳମ୍ବିତ ରାତିରେ ମୃତ ବାସନ୍ତୀଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ପ୍ରଥମେ କୁଆଁରମୁଣ୍ଡା ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ରାତ୍ର ସମୟରେ ଦାୟିତ୍ୱରେ ଥିବା ଡ଼ାକ୍ତର ପ୍ରାଥମିକ ଚିକିତ୍ସା କରି ବାସନ୍ତୀକୁ ଘରକୁ ଛାଡିଥିଲେ।ମାତ୍ର କିଛି ସମୟ ପରେ ଘରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ପୁଣି ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାର ଲୋକେ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବାସନ୍ତୀଙ୍କର ଆରଜିଏଚରେ ମୃତ୍ୟୁ ହେବା ନେଇ ପରିବାର ଲୋକେ ଚିକିତ୍ସାରେ ଅବହେଳାକୁ ଦାୟୀ କରିଥିବା ଅଭିଯୋଗ କରିଛନ୍ତି।





ସୁନ୍ଦରଗଡ଼ ରଙ୍ଗାଢ଼ିପା ମାଉସୀ ମା' ମନ୍ଦିର ଆଡପ ମଣ୍ଡପରେ ଗୁରୁବାର ଶ୍ରୀଜୀଉମାନଙ୍କର ରାମ ପର୍ଶୁରାମ ଅବତାର ବେଶ(ବାମ)। ସୁନ୍ଦରଗଡ଼ ରାଜବାଟି ମାଉସୀ ମା' ମନ୍ଦିର ଆଡପ ମଣ୍ଡପରେ ଗୁରୁବାର ଶ୍ରୀଜୀଉମାନଙ୍କ ରାମ ବଳରାମ ଅବତାର ବେଶ।

# ସହାୟତା ରାଶି ପ୍ରଦାନ ପରେ ହଟିଲା ରାସ୍ତା ଅବରୋଧ

ସୁନ୍ଦରଗଡ,୧୧।୭
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ଦେଉଳି ଠାରେ ବୁଧବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣା ହୋଇଥିଲା। ଏଥିରେ କୁତୁର୍ମା ଗ୍ରାମର ପିତାମ୍ବର ସାଙ୍କ ପୁଅ ବିଶାଳ ସାଙ୍କର ଦୁଇ ଗୋଡ଼ ଭାଙ୍ଗି ଯାଇଛି।

ଜନସାଧାରଣ ଲେଫ୍ରିପଡ଼ାରୁ ସୁନ୍ଦରଗଡ ରାସ୍ତାକୁ ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ପହଞ୍ଚି ପ୍ରଶାସନ ପାଖରେ ଆହତ ଯୁବକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ଲେଫ୍ରିପଡା ଥାନା ଆଇଆଇସି ଲକ୍ଷ୍ମୀ ରାଉତରାୟ, ସ୍ଥାନୀୟ ତହସିଲଦାର, ଅତିରିକ୍ତ ତହସିଲଦାର ପହଞ୍ଚି ଆନ୍ଦୋଳନକାରୀ ଲୋକମାନଙ୍କୁ ବୁଝାଇଥିଲେ। ଗୁରୁତର ଆହତମାନଙ୍କୁ ଯୁବକଙ୍କୁ ରାଉରକେଲାର ଏକ ଘରୋଇ ହସପିଟାଲକୁ ପଠାଯାଇଥିଲା। ବିଧାୟକ ସିଂହ ଆହତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ୫୦ହଜାର ଟଙ୍କା, ଜେଜେଟିଏ ପକ୍ଷରୁ ୫୦ହଜାର, ସୁନ୍ଦରଗଡ ଟ୍ରକ ମାଲିକ ସଂଘ ପକ୍ଷରୁ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ଆହତ ବ୍ୟକ୍ତିଙ୍କ ସମସ୍ତ ଚିକିତ୍ସାର ଖର୍ଚ୍ଚ ଥାର ସ୍କିମ ପକ୍ଷରୁ ବହନ କରିବାକୁ ପ୍ରଶାସନ ର ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।



ଆନ୍ଦୋଳନକାରୀଙ୍କ ସହିତ ବିଧାୟକ ଯୋଗେଶ ସିଂହ, ପୋଲିସ ଓ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

# ଖଣି ଥିବା ସ୍ଥାନରେ ଟ୍ରାଫିକ୍ ସମସ୍ୟା

ଟେନସା, ୧୧।୭(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଖଣିଥିବା ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉଗ୍ର ରୂପ ଧାରଣ କରିଛି। ଖଣି କର୍ତ୍ତୃପକ୍ଷ ନିଜ ପାର୍କିଂରେ ଟ୍ରକ, ଟ୍ରେଲର, ଡିପରଗୁଡିକୁ ନ ରଖି ପଞ୍ଚାୟତ ରାସ୍ତା, ଗ୍ରାମୀୟ ରାସ୍ତା, ଜାତୀୟ ରାଜପଥରେ ପାର୍କିଂ କରି ନିଜ ଖଣିରୁ ମାଲ ପରିବହନ କରୁଛନ୍ତି। ଫଳରେ ଯାତାୟତ କରିବା ଅସମ୍ଭବ ହୋଇପଡିଛି । ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯାଇ ପାରୁ ନ ଥିବାବେଳେ ଆମ୍ବୁଲାନ୍ସ ମଧ୍ୟ ରୋଗୀ ନେଇ ଯାଇପାରୁ ନାହିଁ । ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକି ରହିଛି। ସ୍କୁଲ ବସ ଠିକ ସମୟରେ ବିଦ୍ୟାଳୟରେ ପହଞ୍ଚି ପାରୁ ନାହିଁ। ବାରମ୍ବାର ଦୁର୍ଘଟଣା ଘଟି ଅକାଳରେ ଲୋକଙ୍କ ଜୀବନ ଯାଉଛି । ଟ୍ରାଫିକ ସମସ୍ୟା ନେଇ ଗତ ମଙ୍ଗଳବାର ଦିନ ଗୋଟିଏ ପରିବାର ତିନି ଜଣଙ୍କ ଜୀବନ ଯାଇଛି। ବିଶେଷ କରି କାଶିରା କଲମଙ୍ଗ ରାସ୍ତା, ସାନ ଇନ୍ଦୁପୁର କୋଇଡା ରାସ୍ତା, ପାଟମୁଣ୍ଡ କଦଳିଆରୁ କଲମଙ୍ଗ ରାସ୍ତା, କୋଇଡ଼ାରୁ କଲେଇପୋଷ ରାସ୍ତା, ଗଣୁଆରୁ କୋଇଡା ରାସ୍ତା, ଜାତୀୟ ରାଜପଥ ରେଙ୍ଗାଲ ବେଢ଼ାରୁ କୁଶୁମୁଣ୍ଡି ୮କିମି ରାସ୍ତା, ଏରି ଏନ ଖଣି କାରୋ ପୋଲିଆଠାରୁ କୋଇଡା ରାସ୍ତାରେ ହଜାର ହଜାର ସଂଖ୍ୟାରେ ଟ୍ରକ, ଟଲର, ଟିପର ଛିଡା ହୋଇ ରହିଛନ୍ତି। ଫଳରେ ସବୁବେଳେ ଟ୍ରାଫିକ ସମସ୍ୟା ଲାଗି ରହିଛି। ଏ ନେଇ ଗୁରୁବାର ବିଧାୟକ ମୁଣ୍ଡା ,ସିଆଇଟିୟୁ ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ବିଭିନ୍ନ ଗ୍ରାମପଞ୍ଚାୟତ ସରପଞ୍ଚ, ସମେତ ଜନସାଧାରଣ କୋଇଡା ବିଡ଼ିଓ ରଶ୍ମିରେଖା ପାତ୍ରଙ୍କ ଅଫିସରେ ଆଲୋଚନା ହୋଇଥିଲେ। ତୁରନ୍ତ ସମାଧାନ ପାଇଁ ବିଧାୟକ ମୁଣ୍ଡା ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### କାରକୁ ଧକ୍କା ଦେଲା ଟ୍ରେଲର: ଚାଳକ ମୃତ

ଲହୁଣୀପଡା,୧୧।୭(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତ ବିରତୋଳା ଗୋଲେଇ ଠାରେ ଗୁରୁବାର ସନ୍ଧ୍ୟାରେ ଏକ ଟ୍ରେଲର କାର ସହିତ ଧକ୍କା ହେବାରୁ ଜଣକର ମୃତ୍ୟୁ ଘଟିଛି। କାର ଯାତ୍ରୀ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ ରାଉରକେଲା ପଟରୁ କାରଟି ରାଜାମୁଣ୍ଡା ପଟେ ଆସୁଥିବାବେଳେ ବିପରୀତ ଦିଗରୁ ସିଜି ୧୨ଏସ-୪୬୫୫ ଟ୍ରେଲରଟି ଯାଉଥିଲା। ବିରତୋଳା ଗୋଲେଇ ଠାରେ ଭାରସାମ୍ୟ ହରାଇ ଡିଭାଇଡ଼ର ପାରି ହୋଇ ଆରପଟକୁ ଚାଲିଯାଇ କାରକୁ ଧକ୍କା ଦେବା ସହିତ ଓଲଟି ପଡିଥିଲା। ଫଳରେ କାର ଯାତ୍ରୀମାନେ ଆହତ ହୋଇଥିଲେ ମଧ୍ୟ ଏକ ବିରାଟ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡିଛି। ଅନ୍ୟପକ୍ଷେ ଟ୍ରେଲର ଚାଳକ ଗାଡି ତଳେ ଚାପି ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ଖବରପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର ଯାତ୍ରୀମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବା ସହିତ ଲହୁଣୀପଡା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଡକାଇ ଚାପି ହୋଇ ଯାଇଥିବା ଚାଳକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରଖିଥିବା ଜଣାପଡିଛି।

### ନୀଳାଚଳ ଖଣି ଅଞ୍ଚଳରେ ସୋଲାର ଲାଇଟ ସ୍ଥାପନ

ଟେନସା,୧୧।୭(ସମୀର କୁମାର ପାଢ଼ୀ )

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଅନ୍ତର୍ଗତ ନୀଳାଚଳ ଖଣି ଓ ଏହାର ଆଖପାଖ ଅଞ୍ଚଳରେ ଜୀବନଧାରଣ ମାନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ସୋଲାର ଷ୍ଟ୍ରିଟ ଲାଇଟ ଓ ସୋଲାର ହାଇମାଷ୍ଟ ଟାୱାର ସ୍ଥାପନ ପାଇଁ ଏକ ପ୍ରକଳ୍ପ ଆରମ୍ଭ କରାଯାଇଛି। ଲକ୍ଷ୍ୟ ହେଉଛି



୩୨ଟି ଗାଁ ଏବଂ ପଡ଼ା ସୁରକ୍ଷିତ କରିବା ସହ ସେଠାରେ ଯେଉଁମାନେ ଦୀର୍ଘ ଦିନ ଧରି ଖରାପ ଆଲୋକ ବ୍ୟବସ୍ଥା ସହିତ ସଂଘର୍ଷ କରୁଛନ୍ତି ସେମାନଙ୍କ ଅସୁବିଧାକୁ ଦୂର କରିବା। ଏହି ପ୍ରକଳ୍ପ ଅଧୀନରେ କଦଳିଆ ଓ ମିର୍ଦ୍ଧା ଗାଁରେ ସୋଲାର ହାଇମାଷ୍ଟ ଟାୱାର ସ୍ଥାପନ କରାଯାଇଛି। ଏହାବ୍ୟତୀତ ନୀଳାଚଳ ଖଣି ଅଞ୍ଚଳର ମିର୍ଦ୍ଧା, କିରିଆକୁଦୁର, ବସରଦା, କଦଳିଆ, କଦମଡିହ, ଚକଧର, ଆମ୍ଲିଆମ, ସାନପାଟୁଲି, ପାଟମୁଣ୍ଡା ଓ ପାନପସିଆ ଆଦି ସମେତ ନିକଟବର୍ତ୍ତୀ ୩୨ଟି ଗାଁ ଓ ସାହିରେ ୨୨୧ଟି ସୋଲାର ଷ୍ଟ୍ରିଟ ଲାଇଟ ଲଗାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଏହି ବିସ୍ତୀର୍ଣ୍ଣ ଅଞ୍ଚଳର ୭,୦୦୦ରୁ ଅଧିକ ବାସିନ୍ଦା ଉପକୃତ ହେଉଛନ୍ତି ।

# ଆର୍‌ଏସ୍‌ପିରେ ସିଣ୍ଟର ପ୍ରସ୍ତୁତି ବିଶେଷଜ୍ଞ କମିଟି ବୈଠକ

ରାଉରକେଲା,୧୧।୭(ବିପ୍ଳବରଞ୍ଜନ ଦାଶ)

ଆରଏସପିଠାରେ ସିଣ୍ଟର ପ୍ରସ୍ତୁତି ଉପରେ ଏକ ବିଶେଷଜ୍ଞ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ବୈଠକରେ ମୁଖ୍ୟଅତିଥି ଭାବେ ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୈଠକରେ ସେଲର ବିଭିନ୍ନ ୟୁନିଟ୍‌ରୁ ବହୁସଂଖ୍ୟାରେ କର୍ମିକ ସାମିଲ ହୋଇଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ.ଆର ସୂର୍ଯ୍ୟବଂଶୀ ଓ ସିଜିଏମ ବି.ଆର ପଲାଇ ମଧ୍ୟ ମଞ୍ଚାସୀନ ରହିଥିଲେ। ପରେ ମୁଖ୍ୟଅତିଥି ଓ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଜ୍ଞାନପ୍ରଦୀପ ପ୍ରଜ୍ୱଳନ ହୋଇ ବୈଠକ ଆରମ୍ଭ ହୋଇଥିଲା। ଏହି ଅବସରରେ ଭୌମିକ ବର୍ତ୍ତମାନ ଦୃଶ୍ୟପଟ ଯେଉଁଠି ବର୍ଜ୍ୟରୁ ଐଶ୍ୱର୍ଯ୍ୟ ନିହିତ ଥିବା ଉପରେ ବିଷଦ ଆଲୋକପାତ କରିଥିଲେ। ଏଥିସହ ସିଂଟର ପ୍ରସ୍ତୁତିର ନିପୁଣତା,ଉତ୍ପାଦକତା ଏବଂ ମୂଲ୍ୟ ନିପୁଣତା ପାଇଁ ଅତି ଆବଶ୍ୟକ ଥିବା ଡିଜିଟାଲାଇଜେସନ ଏବଂ ଆର୍ଟିଫିସିଆଲ ଇଂଟେଲିଜେନ୍ସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଭୌମିକ ଆହୁରି କହିଥିଲେ ଯେ, ୨ଟି ବ୍ଲାଷ୍ଟ ଫର୍ଣ୍ଣେସରୁ ୧୨୫୦୦ଟନ୍ ହଟ୍ ମେଟାଲ ଉତ୍ପାଦନ ଲକ୍ଷ୍ୟ ହାସଲ କରିବାରେ ସିଂଟରିଙ୍ଗ ପ୍ଲାଣ୍ଟଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ଥାୟିତ୍ୱର ମହତ୍ୱ ଉପରେ ଆଲୋକପାତ କରି ବିବିଧ ଦକ୍ଷତା ପୂର୍ଣ୍ଣ ବିଶେଷଜ୍ଞ ଦଳଙ୍କୁ କାର୍ଯ୍ୟକ୍ଷମତା ବୃଦ୍ଧି ତଥା କାର୍ବନ ଫୁଟ ପ୍ରିଣ୍ଟର ହ୍ରାସ ପାଇଁ ବ୍ୟାପକ ବିଚାର ବିମର୍ଷ ଏବଂ ମାନସ ମନ୍ଥନ କରିବା ପାଇଁ ଅନୁପ୍ରେରିତ କରିଥିଲେ। ପରେ ସୂର୍ଯ୍ୟବଂଶୀ ତାଙ୍କ ବକ୍ତବ୍ୟରେ ଅଂଶଗ୍ରହଣକାରୀ ମାନଙ୍କୁ ଏହି ଅନନ୍ୟ ବୈଷୟିକ ମଞ୍ଚକୁ ଜଟିଳ ସଂଟରିଙ୍ଗ ପ୍ରସ୍ତୁତି ପ୍ରକ୍ରିୟା ସହ ଜଡିତ ଧାରାଣା, ବିଚାର ବିମର୍ଶ ଆଦାନ ପ୍ରଦାନ ଏବଂ ଅନୁସନ୍ଧାନ ନିମନ୍ତେ ସର୍ବୋତ୍ତମ ରୁପେ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କୋକ ହାର, ଇନ୍ଧନ ହାର ଏବଂ କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବା ପାଇଁ ସିଂଟର ଗୁଣବତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମିକ ବିଭାଗୀୟ ବିଶେଷଜ୍ଞମାନେ ମଧ୍ୟ ମଞ୍ଚରେ ଦେଶର ସର୍ବୋତ୍ତମ ଅଭ୍ୟାସ ବିଷୟରେ ଆଲୋଚନା କରିବାକୁ ଏବଂ ପରବର୍ତ୍ତୀ ଆଧୁନିକୀକରଣ ପ୍ରକ୍ରିୟାରେ ବ୍ୟବହାର ହେବାକୁ ରହିଥିବା ଆଗାମୀ ଜ୍ଞାନକୌଶଳ ଉପରେ ଅନୁସନ୍ଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଭିଲାଇ ଇସ୍ପାତ କାରଖାନା, ବୋକାରୋ ଇସ୍ପାତ କାରଖାନା, ଦୁର୍ଗାପୁର ଇସ୍ପାତ କାରଖାନା, ଇସ୍କୋ ଇସ୍ପାତ କାରଖାନା, ରାଉରକେଲା ଇସ୍ପାତ କାରଖାନା, ଆରଡିସିଆଇଏସ ଓ ସିଇଟିର ବିଶେଷଜ୍ଞ ଦଳ ନିଜର ୟୁନିଟ ଗୁଡିକରେ ସିଂଟର ତିଆରି ପ୍ରକ୍ରିୟାରେ ବ୍ୟବହୃତ ସର୍ବୋତ୍ତମ ଅଭ୍ୟାସ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଏହି ଅଧିବେଶନ ପ୍ରକ୍ରିୟା ନିୟନ୍ତ୍ରଣରେ ଅଭିନବତା ଓ କାର୍ଯ୍ୟକ୍ଷମ ରକ୍ଷଣାବେକ୍ଷଣ ଗତ ସର୍ବୋତ୍ତମ ଅଭ୍ୟାସ ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲା ଯାହା ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କ କାର୍ଯ୍ୟଧାରାର ସର୍ବଶ୍ରେଷ୍ଠ ଉପଯୋଗ କରିବା ପାଇଁ ମୂଲ୍ୟବାନ ଜ୍ଞାନ ଓ ରଣନିତୀ ଯୋଗାଇଥିଲା। ବୈଠକରେ ବିଚାର ବିମର୍ଶ ସମ୍ପନ୍ନ ହେବା ପରେ ସିଣ୍ଡିକେଟ ଆଲୋଚନା ହୋଇଥିଲା। ଏଥିରେ ଏସ.ଆର ସୂର୍ଯ୍ୟବଂଶୀ ଅଧକ୍ଷତା କରିଥିଲେ ଏବଂ ଅଧିକ ଉନ୍ନତି ସାଧନ ପାଇଁ ଉପସ୍ଥାପିତ କାର୍ଯ୍ୟ ଯୋଜନାର ଅନୁଶୀଳନ କରିଥିଲେ। ପ୍ରାରମ୍ଭରେ ସାମୁହିକ ଭାବେ ଜାତୀୟ ସଙ୍ଗୀତ ଗାନ ହୋଇଥିଲା। ପିଆର ପଲାଇ ସମାବେଶକୁ ସ୍ୱାଗତ ଜଣାଇଥିଲେ। ଏସପି-୩ ବିଭାଗର ସହକାରୀ ପରିଚାଳକ ଶାନୁ ସିହ୍ନା ଏବଂ ଏସପି-୨ ବିଭାଗର ମ୍ୟାନେଜର ସନ୍ଦୀପ ଅବସ୍ଥିଙ୍କ ଦ୍ୱାରା ବୈଠକ କାର୍ଯ୍ୟକ୍ରମ ସଂଯୋଜିତ ହୋଇଥିଲା।

# ପରିବେଶ, ଗଣତନ୍ତ୍ର, ଧର୍ମ ଉପରେ ସଚେତନତା ବାର୍ତ୍ତା ଦେଲେ ବାବା ବଳିଆ

ସୁନ୍ଦରଗଡ,୧୧।୭(ଜୟନାରାୟଣ ମେଣ୍ଡୁଲି)

ସ୍ଥାନୀୟ ଜେଡିଆର ସଭାକକ୍ଷରେ ପରିବେଶ,ଗଣତନ୍ତ୍ର ଓ ଧର୍ମ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାବା ବଳିଆ ଯୋଗ ଦେଇ ଏହି ପ୍ରସଙ୍ଗରେ ଆଲୋଚନା କରି କହିଥିଲେ ଯେ,ଆଜିର କାମ କାଲି ଶେଷ କରିପାରିଲେ ଗଣତନ୍ତ୍ର ତିଷ୍ଠିବ। ଗଣତନ୍ତ୍ରର ମୂଲ୍ୟବୋଧ ନଷ୍ଟ ହେବା ପଛରେ ପିସି(କମିଶନ) କାରବାର ରାକ୍ଷସ ରୂପେ ସବୁ ସ୍ଥାନରେ କାର୍ଯ୍ୟ କରୁଛି। ସେଥିରୁ କ୍ଷାନ୍ତ ହେଲେ ସମାଜର ମଙ୍ଗଳ ସାଧିତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନ ବର୍ଦ୍ଧିତ ତାପମାତ୍ରା, ପ୍ରଦୂଷିତ ପରିବେଶ ଓ କଳୁଷିତ ସାମାଜିକ ଚଳଣୀ ଏବଂ ପ୍ରତିକୂଳ ଅବସ୍ଥା ସହିତ ମୁକାବିଲା କରିବା ଆବଶ୍ୟକ। ଧର୍ମ ନାମରେ ଅନ୍ଧ ବିଶ୍ୱାସ ଓ କୁସଂସ୍କାରକୁ ନେଇ ବହୁ ସ୍ଥାନରେ ହିଂସା ଦେଖାଯାଉଛି। ପୂଜା ପାଠ ନାମରେ ଅଶ୍ଳୀଳ ନୃତ୍ୟ ଗୀତରେ ମଜ୍ଜି ରହି ବର୍ତ୍ତମାନର ପୀଢି ପ୍ରକୃତ ମଣିଷ ପଣିଆ ଭୁଲି ଯାଉଛନ୍ତି। ଏସବୁରୁ ଦୂରେଇ ରହି ନିଜର ମାତାପିତା ଓ ଗରିବ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ ସହଯୋଗ କରିବାସହ ସର୍ବନିମ୍ନ ୫ଗୋଟି ବୃକ୍ଷ ରୋପଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସୁନ୍ଦରଗଡ ପୌରାଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଏବଂଜୟନାରାୟଣ ତ୍ରିପାଠୀ ଓ ଇନ୍ଦ୍ର ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲୀଳାଧର କାଲୋ ସଞ୍ଚାଳନ କରିଥିଲେ।

# ସେଲ୍ ଆର୍‌ଏସ୍‌ପିର ପ୍ରବେଶିକା କାର୍ଯ୍ୟକ୍ରମ

ରାଉରକେଲା, ୧୧।୭ (ବିପ୍ଳବରଞ୍ଜନ ଦାଶ)

ଆର୍‌ଏସ୍‌ପି ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରଠାରେ ଜୁଲାଇ ୧୦ତାରିଖି ପ୍ରବେଶିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଣି ଓ ସେରାମିକ୍ସ ଷ୍ଟ୍ରିମର ୬୧ବୈଷୟିକ ମ୍ୟାନେଜମେଣ୍ଟ ଟ୍ରେନି ମହାରତ୍ନ କମ୍ପାନୀ ସେଲ୍‌ରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଓ ସେଲ୍ କାର୍ମିକ ବିଭାଗର ନିର୍ଦ୍ଦେଶକ କେ.କେ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ସେଲବୋର୍ଡର ଅନ୍ୟ ସଦସ୍ୟଗଣ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭିଲାଇ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅନିର୍ବାଣ ଦାସ ଗୁପ୍ତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମ୍ୟାନେଜମେଣ୍ଟମାନଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଇସ୍ପାତ ହେଉଛି ଏକ ପ୍ରମୁଖ ଉତ୍ସ, ଯାହା ବିନା ଇସ୍ପାତ ଶିଳ୍ପର ଅଭିବୃଦ୍ଧି ଅସମ୍ଭବ। ପରେ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଭି.ଏସ୍. ଚକ୍ରବର୍ତ୍ତୀ ସେଲ ସର୍ବଦା ନବପ୍ରତିଭା ଓ ନବୀନ କୌଶଳ ମାଧ୍ୟମରେ ଇସ୍ପାତ ଉତ୍ପାଦନ ଖର୍ଚ୍ଚକୁ କମ କରିବା ପ୍ରୟାସ କରେ। ଏଣୁ ମ୍ୟାନେଜମେଣ୍ଟ ଟ୍ରେନିଗଣ ଏଦିଗରେ ଦକ୍ଷଶୀଳ ହୋଇ ନିଜ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇ ଉତ୍ସାହିତ କରିଥିଲେ।



ଅତନୁ ଭୌମିକ ମ୍ୟାନେଜମେଣ୍ଟ ଟ୍ରେନିମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରୁଛନ୍ତି।

ଏହାପରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ନିଜର ଅତୀତ ସ୍ମୃତିକୁ ମନେ ପକାଇ ସେଲରେ ଏମ୍‌ଟିଟି ଭାବରେ ଯୋଗଦାନ କରିବାର ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ। ପରେ ଭୌମିକ ପରିବର୍ତ୍ତନଶୀଳ ବ୍ୟବସାୟିକ ଦୃଶ୍ୟପଟ୍ଟ ସହିତ ଖାପ ଖୁଆଇବା ନିମନ୍ତେ ଇସ୍ପାତ ଭଳି ସୁଦୃଢ, କଠିନ ଓ ନମନୀୟ ହେବା ପାଇଁ ଟ୍ରେନିମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପରେ କାର୍ମିକ ବିଭାଗର ନିର୍ଦ୍ଦେଶକ କେ.କେ ସିଂ ସମସ୍ତଙ୍କୁ ସେଲ ପରିବାରର ସଦସ୍ୟ ହୋଇଥିବାରୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ଐତିହାସିକ ଟି-୨୦ ବିଶ୍ୱକପ ବିଜୟର ଉଦାହରଣ ଦେଇ ଆତ୍ମବିଶ୍ୱାସର ସହିତ କାର୍ଯ୍ୟ କରିବାକୁ ଅନୁପ୍ରେରିତ କରିଥିଲେ। ସେଲର ବୈଷୟିକ, ପ୍ରକଳ୍ପ ଓ କଞ୍ଚାମାଲ ବିଭାଗର ନିର୍ଦ୍ଦେଶକ ଏ.କ. ସିଂହ ଟ୍ରେନିମାନେ ଉପଯୁକ୍ତ ସ୍ଥାନକୁ ପହଞ୍ଚିଛନ୍ତି ବୋଲି କହିଥିଲେ। ପରେ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ବି.କେ ତିୱାରୀ କହିଥିଲେ ଯେ,୨୦୪୭ ମସିହା ସୁଦ୍ଧା ଭାରତ ବିକଶିତ ହେବାକୁ ଯାଉଛି। ଏଣୁକରି ଆଗାମୀ ୨୩ବର୍ଷ ମଧ୍ୟେ ମ୍ୟାନେଜମେଣ୍ଟ ଟ୍ରେନି(ଏମଟିଟି)ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କହିଥିଲେ। ସେଲର ସିଡିଓ ଏସ୍.ଏନ ଗୁପ୍ତା ସେଲରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିବା ମ୍ୟାନେଜମେଣ୍ଟ ଟ୍ରେନିମାନଙ୍କୁ ଉତ୍ସାହିତ କରିବା ସହ ସେଲ୍‌ରେ ଥିବା ସୁଯୋଗ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ପରେ ଏକ ମତବିନିମୟ ଅଧିବେଶନରେ ଭୌମିକ ଓ ଟ୍ରେନିମାନଙ୍କର ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ମାନବ ସମ୍ବଳ ଏବଂ ଏଚଆର ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ ରାଜଶ୍ରୀ ବାନାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ରାଜଗାଙ୍ଗପୁର ଗୁଣ୍ଡିଚା ମନ୍ଦିରର ରୌପ୍ୟ ଜୟନ୍ତୀ

ରାଜଗାଙ୍ଗପୁର, ୧୧।୭(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପାହାଡି ମନ୍ଦିରରେ ଥିବା ଗୁଣ୍ଡିଚାଘରର ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ ହେଉଛି। ଏହି ଉପଲକ୍ଷେ, ୭ତାରିଖିଠାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି ପକ୍ଷରୁ ପରିବେଷଣ କରାଯାଉଛି। ତନ୍ମଧ୍ୟରୁ ମୁଖ୍ୟତ ପୁରୀରୁ ଶିଳ୍ପି ଏଣ୍ଟରଟେନମେଣ୍ଟ କାର୍ଯ୍ୟକ୍ରମ, ଜିତୁଦାସଙ୍କ ପ୍ରବଚନ କାର୍ଯ୍ୟକ୍ରମ ବହୁ ମାତ୍ରାରେ ଦର୍ଶକଙ୍କୁ ଆନନ୍ଦିତ କରିଛି। ୧୩ ତାରିଖି ସନ୍ଧ୍ୟାରେ ରାଉରକେଲାର ସିଦ୍ଧେଶ୍ୱର ଭଜନ ସନ୍ଧ୍ୟା, ୧୪ ତାରିଖରେ ପୁରୀର ସୁଧାକର ସିଂ ଙ୍କ ଭଜନ ସନ୍ଧ୍ୟା ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ଜନସାଧାରଣଙ୍କ ପାଇଁ ଠାକୁରଙ୍କ ଅଭଡା ପ୍ରସାଦ ଓ ସନ୍ଧ୍ୟାରେ ଅନ୍ୟ ପ୍ରସାଦମାନ ବଣ୍ଟନ କରାଯାଉଛି। ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ଲାଗିରହିଛି। କମିଟିର ସଭାପତି କୁଶଦେବ ପଣ୍ଡା,ଅମରେଶ ପଣ୍ଡା, ଦେବରଞ୍ଜନ ବିନୋଦ, ଅଜୟ ସାହୁ, ସନ୍ତୋଷ ସାମଲ, ବସନ୍ତ ସାହୁ, ରାଜା ସାମଲ, ଦେବ ମିଶ୍ର, ସୁଧିର ଦାସ, ଆଲୋକ ସାହୁଙ୍କ ସହ ଅନ୍ୟମାନେ ଏହି ଗୁଣ୍ଡିଚା ମନ୍ଦିରରେ ଦୈନିକ ପୂଜାର୍ଚ୍ଚନା ଓ ଅନ୍ୟ କାର୍ଯ୍ୟକ୍ରମର ଦେଖାରେଖ କରୁଛନ୍ତି।

# ବିଭିନ୍ନ ଦାବି ନେଇ ବ୍ଲକ୍ ଆଗରେ ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଟେନସା, ୧୧।୭(ସମୀର କୁମାର ପାଢ଼ୀ)

ସର୍ବଭାରତୀୟ ଦାବି ଦିବସ ଓ ବିକ୍ଷୋଭ ଦିବସ ସିଆଇଟିୟୁ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ପାଳିତ ହୋଇଛି। ବିଭିନ୍ନ ଦାବି ନେଇ ଗୁରୁବାର କୋଇଡା ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟରେ ବନ୍ଦ ଥିବା କଳକାରଖାନା, ଖଣିକୁ ତୁରନ୍ତ ଚାଲୁ କରିବା, ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ନିୟନ୍ତ୍ରଣ କରିବା, ପାରିପାର୍ଶ୍ୱିକ ଉନ୍ନତି, ସ୍ଥାନୀୟ ଟ୍ରକ ଟିପରକୁ ଲୋଡିଂ ସୁଯୋଗ, ସ୍ୱାସ୍ଥ୍ୟ ସେବା, ପଞ୍ଚାୟତ ରାସ୍ତାର ଦୁରୁପଯୋଗ, ସମାନ କାମକୁ ସମାନ ଦରମା, କୋଇଡା ପ୍ରତି ଗ୍ରାମକୁ ପାନୀୟ ଜଳ ଯୋଗାଣ ଆଦି ପ୍ରମୁଖ ସମସ୍ୟାର ତୁରନ୍ତ ସମାଧାନ ନେଇ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର କୋଇଡା ବିଡ଼ିଓ ରଶ୍ମିରେଖା ପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିଆଇଟିୟୁ ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ବିଭିନ୍ନ ଗ୍ରାମପଞ୍ଚାୟତ ସରପଞ୍ଚ, ସମେତ ସମାଜ ସେବୀ ବାଦଲ ବାରିକ, ସୁଦର୍ଶନ ପାତ୍ର, ଜନ ଡୁଙ୍ଗୁ ଡୁଙ୍ଗୁ, ଲକ୍ଷ୍ମଣ ମହାକୁଡ଼, ବଣାଇଁ ଟ୍ରକ ଏବଂ ଟିପର ମାଲିକ ସଂଘର ସଭାପତି ଅଶୋକ ସାମଲ, ହଳଧର ଦେହୁରୀ, କେ ସି ବାରିକ,ପ୍ରଭାତ ପାତ୍ର ସମେତ ସିଆଇଟିୟୁ ର ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ବିକ୍ଷୋଭରେ ସାମିଲଥିଲେ।




କୋଇଡା ବ୍ଲକ ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

**ସଂକ୍ଷେପରେ**

## ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼,୧୧।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବୁଧବାର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗୃହ ହୋଇଥିଲା। ଅନୁଷ୍ଠାନର ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲାଙ୍କ ଜନ୍ମଦିନ ଅବସରରେ ଅନୁଷ୍ଠିତ ଏହି ଶିବିରକୁ ଆରଡବ୍ଲୁଏସଏସ୍ ବିଭାଗର ମଞ୍ଜୁ ସୁହୁଲା ଉଦଘାଟନ କରିଥିଲେ। କୋଶଲ ସଂଗ୍ରାମୀ ରମଣୀ ଦନ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଲେ। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଜିତୁ ମହାପାତ୍ର, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ସଂକେତ ଆଠଘରା, ସୁତପା ଗଡ଼ତିଆ, ପ୍ରାଚୀ କର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମହିଳା ଶାଖା ମୁଖ୍ୟ ସୁହୁଲାଙ୍କୁ ଏକ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ

ବରଗଡ଼,୧୧।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ହାୟର ଏଜୁକ୍ୟାଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ନାଗେନପାଲି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ନାଗେନପାଲି ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ନିରୁପମା ବିଶି ଏବଂ ଗ୍ରାମର ଆଶା, ଅଙ୍ଗନୱାଡ଼ି କର୍ମୀମାନେ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ ଉପରେ ଗ୍ରାମରେ ସଚେତନତା ସୃଷ୍ଟି କରିଥିଲେ। ଅଧ୍ୟାପିକା ଲଭଲି ମାସି ଦାଶ ଏବଂ ସୁଚରିତା ସେଠଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। ପରେ ନାଗେନପାଲି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଏସସି ନର୍ସିଂ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ମୂଳକ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା।

## ଡାକ୍ତରଖାନା ଫାଟକ ନିକଟରେ ମୃତଦେହ

ବରଗଡ଼,୧୧।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ଫାଟକ ନିକଟରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କ ବୟସ ପାଖାପାଖି ୨୧ବର୍ଷ ହେବ ବୋଲି ଅନୁମାନ କରାଯାଉ ଥିବାବେଳେ ସେ ଏକ ହାପପେଣ୍ଟ ଏବଂ ଟି ସାର୍ଟ ପିନ୍ଧିଛନ୍ତି। ଭଟଲି ଥାନା ପୋଲିସ ମୃତଦେହ ଜବତ କରିଛି। ମୃତଦେହ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତେବେ କିଭଳି ପରିସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି ଏବଂ କେଉଁ ସ୍ଥିତିରେ ସେଠାରେ ମୃତଦେହ ପଡ଼ି ରହିଲା, ତାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ସଡ଼କ ଦୁର୍ଘଟଣାରେ ମୁଦ୍ରା ସଂଗ୍ରାହକ ମୃତ

- ଦୁର୍ଘଟଣା ପରେ ଘଟଣାସ୍ଥଳରେ ସାମୟିକ ଉତ୍ତେଜନା
- ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର ଲୋକେ

ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କା ଦେବା ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ବରଗଡ଼ ବ୍ଲକ ଅନ୍ତର୍ଗତ ନଦୀପଡ଼ା(ଡାଙ୍ଗ) ନିବାସୀ ଗୋବର୍ଦ୍ଧନ ତ୍ରିପାଠୀ(୬୯)। ସ୍ୱର୍ଗତ ତ୍ରିପାଠୀ ବହୁ ପୁରୁଣା ମୁଦ୍ରା ସଂଗ୍ରାହକ ଭାବେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ମୃତ୍ୟୁ ପରେ ପରିବାର ଲୋକେ ତ୍ରିପାଠୀଙ୍କ ଚକ୍ଷୁଦାନ କରିଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଗାଡ଼ି କିଛି ସମୟ ଧରି ଅଟକି ରହିଥିଲା। ପୋଲିସ ପହଞ୍ଚିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛି।

ପ୍ରକାଶ ଯେ, ତ୍ରିପାଠୀ ନିଜ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଫେରିବା ବାଟରେ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ



ଦୁର୍ଘଟଣା ଘଟାଇଥିବା ଟ୍ରକ।

ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ଅନୁରୋଧକ୍ରମେ ମୃତକଙ୍କ ପରିବାର ଲୋକେ ଚକ୍ଷୁଦାନ ପାଇଁ ରାଜି ହୋଇଥିଲେ। ଏହାପରେ ଚକ୍ଷୁବ୍ୟାଙ୍କ କର୍ମଚାରୀମାନେ ସ୍ୱର୍ଗତ ତ୍ରିପାଠୀଙ୍କ ଚକ୍ଷୁ ସଂଗ୍ରହ କରିଥିଲେ। ଚକ୍ଷୁ ସଂଗ୍ରହ ସମୟରେ ମୃତକଙ୍କ ପୁତୁରା କିଶୋର, ମନୋଜ, ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ବିଦ୍ୟାଧର ଭୋଇ, ସଙ୍କେତ ଆଠଘରା, ପ୍ରମୋଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଚକ୍ଷୁ ବ୍ୟାଙ୍କ କର୍ମଚାରୀ ସୁନୀଲ ସା ମୃତକଙ୍କ ପରିବାର ଲୋକଙ୍କୁ ଚକ୍ଷୁଦାନ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ସ୍ୱର୍ଗତ ତ୍ରିପାଠୀ ତାଙ୍କ ଦ୍ୱାରା ସଂଗୃହୀତ ପୁରୁଣା ମୁଦ୍ରା ସମେତ ବିଭିନ୍ନ ସାମଗ୍ରୀ ନିଷ୍ଠା ପରିବାରକୁ ଦାନ କରିଥିଲେ। ବିଭିନ୍ନ ସ୍କୁଲ, କଲେଜରେ ମଧ୍ୟ ତାହା ପ୍ରଦର୍ଶିତ ହୋଇଥିଲା। ମୃତକଙ୍କ ଏକମାତ୍ର ପୁଅ ଅଶୋକ ଦିଲ୍ଲୀରେ ରହୁଛନ୍ତି। ସେ ଘରକୁ ଫେରିବା ପରେ ଶୁକ୍ରବାର ସ୍ୱର୍ଗତ ତ୍ରିପାଠୀଙ୍କ ଶବଦାହ କରାଯିବ ବୋଲି ପରିବାର ଲୋକଙ୍କଠାରୁ ସୂଚନା ମିଳିଛି।



ମୃତକଙ୍କ ପରିବାର ଲୋକେ ଚକ୍ଷୁଦାନ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।



ନାଗେନପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ କ୍ଷୁଦ୍ର ନାଟକ ପରିବେଷଣ।

## ଜୈବିକ ସାର ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



ଜୈବିକ ସାର ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅତିଥିମାନେ।

ରେଢାଖୋଲ,୧୧।୭(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତରେ ଗୁରୁବାର ଏକ ଜୈବିକ ସାର ବିକ୍ରୟକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବ୍ଲକ କୃଷି ଅଧିକାରୀ ଅମିତ କୁମାର ପଟେଲ ମୁଖ୍ୟଅତିଥିଭାବେ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ସସ୍ମିତା ଦାଶ ଯୋଗଦେଇଥିଲେ। ଜୈବିକ ପଦ୍ଧତିରେ ସାର ପ୍ରୟୋଗ କରି ଉନ୍ନତ ମାନର ଓ ଅମଳକ୍ଷମ ଫସଲ ଉତ୍ପାଦନ କରିବାକୁ କୃଷି ଅଧିକାରୀ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ରାସାୟନିକ ସାର ଓ ଔଷଧ ପ୍ରୟୋଗ କରିବା ବଦଳରେ ଜୈବିକ ସାରର ବହୁଳ ବ୍ୟବହାର କରି ସୁସ୍ଥ ଓ ନିରୋଗ ରହିବାକୁ କହିଥିଲେ। ଏଫଇଏସ ଅକ୍ଷୟ କୁମାର ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଲୁହାପଙ୍କ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କୃଷକ ସାଥୀ, କୃଷିମିତ୍ରଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଯୋଗଦେଇଥିଲେ। ଏମ୍‌ବିକେ ଚଞ୍ଚଳା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସମର୍ଥ ଆଶ୍ରୟ କେନ୍ଦ୍ରରେ ଯଜ୍ଞସେନୀ

କୁଚିଣ୍ଡା,୧୧।୭(ବିରଞ୍ଚି ଦର୍ବା)



ସମର୍ଥ ଆଶ୍ରୟ କେନ୍ଦ୍ରରେ ଯଜ୍ଞସେନୀ।

**ଧରିତ୍ରୀ ପ୍ରଭାବ**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁସମୀ ପଞ୍ଚାୟତ ଅଁଲାପୋଷି ଗ୍ରାମର ୩୮ ବର୍ଷିୟା ଭିନ୍ନକ୍ଷମ ଯଜ୍ଞସେନୀ ଡ଼ନସେନାଙ୍କୁ ଗୁରୁବାର କୁଚିଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବଲପୁର ଧନୁପାଲିସ୍ଥିତ ସମର୍ଥ ମାନସିକ ଆଶ୍ରମ କେନ୍ଦ୍ରରେ ଥଇଥାନ କରାଯାଇଛି। ଯଜ୍ଞସେନୀ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ସମ୍ପର୍କୀତ ଖବର ବୁଧବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏ ନେଇ କୁଚିଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲା ପ୍ରଶାସନକୁ ଅବଗତ କରିଯାଇଥିଲା। ଜଲା ସାମାଜିକ ସୁରକ୍ଷା ବିଭାଗ ପତ୍ର ସଂଖ୍ୟା–୧୮୮/୨୪ ଯୋଗେ ବୁଧବାର ଯଜ୍ଞସେନୀଙ୍କ ଥଇଥାନ ନିମନ୍ତେ ଧନୁପାଲି ନେତାଜୀ ନଗରରେ ଥିବା ସମର୍ଥ (ଆଦର୍ଶ ଶିଶୁ ମନ୍ଦିର)ମାନସିକ ସହାୟତା ଆଶ୍ରୟ କେନ୍ଦ୍ର ସମ୍ପାଦକଙ୍କୁ ତାଙ୍କ ସେବା ଯତ୍ନ ନିମନ୍ତେ ପତ୍ରାଳାପ କରିଥିଲେ। ତଦ ଅନୁଯାୟୀ, ବିଡିଓ ନିରଞ୍ଜନ ସାଙ୍କ ତତ୍ତ୍ୱାବଧାନରେ ଗୁରୁବାର ଯଜ୍ଞସେନୀଙ୍କୁ ନେଇ ସମର୍ଥ କେନ୍ଦ୍ରରେ ଥଇଥାନ କରାଯାଇଛି। କୁଚିଣ୍ଡା ବ୍ଲକ କୁସୁମୀ ପଞ୍ଚାୟତ ଅଳାପୋଷି ଗ୍ରାମର ଆଜନ୍ମ ଦିବ୍ୟାଙ୍ଗ ଯଜ୍ଞସେନୀ କିଛି ବର୍ଷ ପୂର୍ବେ ମା'ବାପାଙ୍କୁ ହରାଇ ଏଣେ ତେଣେ ବୁଲୁଥିଲେ। ଯିଏ ଯାହା ଦେଲେ ଖାଇ ଜୀବନ ବିତାଉଥିଲେ। ଏ ସମ୍ପର୍କରେ ତାଙ୍କ ପଡୋଶୀ ଏକାଦଶିଆ ନାଏକ ମଙ୍ଗଳବାର କୁଚିଣ୍ଡା ବିଡିଓଙ୍କୁ ଯଜ୍ଞସେନୀଙ୍କ ଥଇଥାନ ନିମନ୍ତେ ଲିଖିତ ଜଣାଇଥିଲେ।

## ଫଳ ବ୍ୟବସାୟୀଙ୍କୁ ଆକ୍ରମଣ

ରାଉରକେଲା,୧୧।୭(ଦିନେଶ ମିଶ୍ର)

ରଘୁନାଥପାଲି ଥାନା ଅନ୍ତର୍ଗତ ଡିଏଭି ଡଙ୍ଗାଛକ ନିକଟରେ ଜଣେ ଫଳ ବ୍ୟବସାୟୀଙ୍କୁ ବୁଧବାର ରାତିରେ ମାରଣାସ୍ତ୍ରରେ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ଅମିତ ବାରିକ(୨୪)। ବାସନ୍ତୀ କଲୋନୀ ଡିଏଭି ବସ୍ତିର ଅମିତ ଡିଏଭି ଡଙ୍ଗାଛକରେ ଫଳ ବ୍ୟବସାୟ କରନ୍ତି। ବୁଧବାର ରାତିରେ ନିଜ ଦୋକାନ ବନ୍ଦ କରୁଥିବା ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ପଛପଟୁ ଭୁଜାଲି ଓ ଲୁହାରଡ଼ରେ ମୁଣ୍ଡକୁ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଅମିତଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି।

## ପ୍ରଣବ ପ୍ରକାଶଙ୍କ ସମ୍ବଲପୁର ଗସ୍ତକୁ ନେଇ ଚର୍ଚ୍ଚା

ସମ୍ବଲପୁର,୧୧।୭(ପ୍ରମୋଦ ବହିଦାର)

ବିଜେଡିର ପୂର୍ବତନ ବିଧାୟକ ତଥା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମ୍ବଲପୁର ଗସ୍ତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ସେ ଗୁରବାର ପୂର୍ବାହ୍ନରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ଗୋଶାଳାସ୍ଥିତ ଗୃହରେ ତାଙ୍କର ସ୍ୱର୍ଗତ ଭ୍ରାତାଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେଇଥିଲେ। ସେଠାରୁ ଫେରି ଦାସ ସମ୍ବଲପୁର ସର୍କିଟ ହାଉସରେ ତାଙ୍କର ସ୍ୱଳ୍ପ ରହଣୀ କାଳ ମଧ୍ୟରେ ବିଜେଡି କର୍ମକର୍ତ୍ତା ଓ ବିଭିନ୍ନ ପଦାଧିକାରୀଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ତେବେ ଆଗକୁ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ଥିବା ବେଳେ ଗତ ସାଧାରଣ ନିର୍ବାଚନ–୨୦୨୪ ପରବର୍ତ୍ତୀ ତାଙ୍କର ପ୍ରଥମ ସମ୍ବଲପୁର ଗସ୍ତ ଚର୍ଚ୍ଚା ପାଇଁ ରାଜନୈତିକ



ସାର୍କିଟ ହାଉସ୍‌ରେ ପ୍ରଣବପ୍ରକାଶ ଦାସଙ୍କ ସହିତ ବିଜେଡି କର୍ମକର୍ତ୍ତା।

ମହଲକୁ ଖୋରାକ ଯୋଗାଇଛି। ଏହି ଅବସରରେ ସେ ସମ୍ବଲପୁର ଜିଲା ବିଜେଡି ଜିଲା ସଭାପତି ଇଂ. ରୋହିତ ପୂଜାରୀ, ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ, ବରିଷ୍ଠ ବିଜେଡି ନେତା ସଞ୍ଜୟ ବାବୁ, ସଞ୍ଜିତ ମହାନ୍ତି, ଗୋକୁଳ ମେହେର, ସୁଶାନ୍ତ ନାଥ, ପ୍ରଫୁଲ୍ଲ ଦାଶ ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ତେବେ ପ୍ରଣବପ୍ରକାଶ କୌଣସି ରାଜନୈତିକ ସମୀକ୍ଷା କରି ନ ଥିଲେ, କେବଳ ବିଜେଡି କର୍ମୀ ଓ ସମର୍ଥକଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି କରି ଫେରି ଯାଇଥିଲେ ବୋଲି କହିଛନ୍ତି ବରିଷ୍ଠ ନେତା ସଞ୍ଜିତ ମହାନ୍ତି। ରେଙ୍ଗାଲି ବିଧାୟକ ହରିପାଲଙ୍କ ଭ୍ରାତାଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେବା ଉଦ୍ଦେଶ୍ୟରେ ଦାସ ସମ୍ବଲପୁର ଆସିଥିଲେ ବୋଲି କହିଛନ୍ତି ମହାନ୍ତି।

## ହୀରାକୁଦ ମହାବିଦ୍ୟାଳୟରେ ମେଗା ସିଡବଲ୍ ଫେଷ୍ଟିଭାଲ

ସମ୍ବଲପୁର,୧୧।୭(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ହୀରାକୁଦ ମହାବିଦ୍ୟାଳୟରେ ୭୫ତମ ବନମହୋତ୍ସବ ଉପଲକ୍ଷେ ମେଗା ସିଡ ବଲ ଫେଷ୍ଟିଭାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ (ଜାତୀୟ ସେବା ଯୋଜନା) ଶାଖା, ହୀରାକୁଦ ହିଣ୍ଡାଲକୋ ଏବଂ ବନ ବିଭାଗ ମିଳିତ ଉଦ୍ୟମରେ ହୋଇଥିବା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ୩ଦିନ ଧରି ଚାଲିଥିଲା। ଏନଏସଏସ ପ୍ରୋଗ୍ରାମ ଅଫିସର ସୀମାନ୍ତିକା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଫେଷ୍ଟିଭାଲରେ ମହାବିଦ୍ୟାଳୟ ଅଧକ୍ଷା ସୁମିତ୍ରା ପଣ୍ଡା, ଅଧ୍ୟାପିକାଅଧ୍ୟାପକ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ସବୁଜ ବନାନୀର ବୃଦ୍ଧି ନିମନ୍ତେ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ୫୦୦ ସିଡ ବଲ ତିଆରି କରାଯାଇଥିଲା। ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା ବ୍ରତରେ ବ୍ରତୀ ହେବା ପାଇଁ ଶପଥ ନେଇଥିଲେ।




ମେଗା ସିଡବଲ ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

## ବିକାଶରେ ପଦ ଅଳଙ୍କରଣ ସମାରୋହ




ଗୁରୁବାର ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପଦ ଅଳଙ୍କରଣ ସମାରୋହରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ପ୍ରତିନିଧି।

ସମ୍ବଲପୁର,୧୧।୭(ବି.ଶଙ୍କର)

ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପଦ ଅଳଙ୍କରଣ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିକାଶ ଦ କନସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି ଛାତ୍ର ପରିଷଦର ଚୟନ ପ୍ରକ୍ରିୟା, ଛାତ୍ରୀଛାତ୍ରଙ୍କ ଭୂମିକା ଏବଂ ଦାୟିତ୍ୱ ବିଷୟରେ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କୁ ଚାରୋଟି ସଦନ ଅଗ୍ନି, ସୌର୍ଯ୍ୟ, ନିର୍ଭୟ ଓ ପୃଥ୍ୱୀରେ ବିଭାଜିତ କରାଯାଇଥିଲା। ଏହାପରେ ସେମାନଙ୍କ ମଧ୍ୟରୁ ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପଦବୀରେ ବିଭୂଷିତ କରାଯାଇଥିଲା। ବିକାଶ ଗ୍ରୁପ ଅଫ ଇନଷ୍ଟିଚୁଶନ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଚଳିତ ବର୍ଷର ଛାତ୍ର ପରିଷଦର ସଭ୍ୟ, ହେଡବୟ, ହେଡଗାର୍ଲ, ଡେପୁଟି ହେଡବୟ, ଡେପୁଟି ହେଡଗାର୍ଲ, କ୍ୟାପଟେନ, ଭାଇସ କ୍ୟାପଟେନ, ହାଉସ ମାଷ୍ଟର, ହାଉସ ମିଷ୍ଟ୍ରେସ, ହଷ୍ଟେଲ ପ୍ରିଫେକ୍ଟ, ବିଭିନ୍ନ କ୍ଲବ ତଥା ସ୍କୁଲ ଲିଡରସିପ ଟିମର ନାମ ଘୋଷଣା କରି ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଫଳକ(ବ୍ୟାଚ) ପ୍ରଦାନ କରିଥିଲେ। ଏକାଡେମିକ ଏଡଭାଇଜର ନବୀନ ଶର୍ମା, ବିକାଶ ହାଇୟର ସେକଣ୍ଡାରୀ ସ୍କୁଲର ଅଧକ୍ଷ ସଂଜୀବ କୁମାର ବାବୁ ଓ ବିକାଶ ସିନିୟର ସେକଣ୍ଡାରୀ ସ୍କୁଲର ଅଧକ୍ଷା ଡ. ପୁଷ୍ପିତା ପଣ୍ଡା ଯୋଗଦେଇ ଛାତ୍ର ପରିଷଦ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ଲବ ଭୂୟାଁ, ନବ କୁମାର ଦାଶ, ଚିତ୍ତରଞ୍ଜନ ପ୍ରଧାନ ଏବଂ ପିତାମ୍ବର କୁମ୍ଭାରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସୋନିଆ ମୁଣ୍ଡା, ଲୀନା ବେହେରା ଓ ନନ୍ଦିତା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଯଶୱନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ କୁମାର ପ୍ରଧାନ, ଗୀତାରାଣୀ ବେହେରା, ପ୍ରେମରାଜ ବଘାର, ହିରେନ୍ଦ୍ର କୁମାର ମେହେର, ନନ୍ଦିନୀ କର୍ଣ୍ଣ, ଅମ୍ରିତା ଶତପଥୀ, ଇନ୍ଦିରା ନାଏକ, ପବିତ୍ର ବେହେରା, ଶଶିକଳା ମିଶ୍ର, ସନ୍ତୋଷିନୀ ପଟେଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୋଲିସ ଫାଣ୍ଡି ସ୍ଥାନାନ୍ତର କରା ନ ଯାଉ

ବରଗଡ଼,୧୧।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରୁଷୁଡ଼ା ପୋଲିସ ଫାଣ୍ଡି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଉଦ୍ୟମ ଚାଲିଥିବା ସାଧାରଣରେ ଆଲୋଚିତ ହେଉଛି। ଏହା ଜାଣିବା ପରେ ଉକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ପୋଲିସ ଫାଣ୍ଡିକୁ ସ୍ଥାନାନ୍ତର ନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି କ୍ରମରେ ଗୁରୁବାର ଅଞ୍ଚଳବାସୀ ବରଗଡ଼ ଏସ୍‌ପି ପି.ଏସ ମୀନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ଦାବିପତ୍ର ଗ୍ରହଣ କରିଥିଲେ। ସେହିପରି ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣଙ୍କୁ ଭେଟି ଦୀର୍ଘବର୍ଷରୁ ରହିଥିବା ପୋଲିସ ଫାଣ୍ଡିକୁ ସ୍ଥାନାନ୍ତର ନ କରିବା ପାଇଁ ନିବେଦନ କରିବା ସହିତ ଉକ୍ତ ଫାଣ୍ଡି ପାଇଁ ଯଦି ଆହୁରି ଜମି ଆବଶ୍ୟକ ପଡୁଛି, ତାହା ଅଞ୍ଚଳବାସୀ ଯୋଗାଇ ଦେବା ପାଇଁ ଗ୍ରାମବାସୀ କହିଛନ୍ତି।

ପ୍ରକାଶ ଯେ, ଦୀର୍ଘ ୬୦ବର୍ଷ ତଳୁ ରୁଷୁଡ଼ା ଗ୍ରାମବାସୀଙ୍କ ଶ୍ରମଦାନରୁ ପୋଲିସ ଫାଣ୍ଡି ପ୍ରତିଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାପାର୍ଶ୍ୱରେ ଫାଣ୍ଡିଟି ରହିଥିବାବେଳେ ୭୫୦ ମିଟର ଦୂରରେ



ପୋଲିସ ଫାଣ୍ଡି ସ୍ଥାନାନ୍ତର ନ କରିବା ଦାବିରେ ଏସ୍‌ପି, ଉପଜିଲାପାଳଙ୍କୁ ଫେରାଦ ହୋଇଥିବା ଅଞ୍ଚଳବାସୀ।

**ରୁଷୁଡ଼ା ଅଞ୍ଚଳବାସୀଙ୍କ ଦାବି**

ରାଜ୍ୟ ରାଜପଥ ଯାଇଛି। ଫାଣ୍ଡିରୁ ଭେଡ଼େନ ଥାନାକୁ ମଧ୍ୟ ପକ୍କାରାସ୍ତା ଯାଇଛି। ଫଳରେ ଗମନାଗମନ କ୍ଷେତ୍ରରେ ଉକ୍ତ ଫାଣ୍ଡିକୁ କିଛି ଅସୁବିଧା ନାହିଁ। ଅନ୍ୟପଟେ ରୁଷୁଡ଼ାରେ ପ୍ରାଥମିକ ସ୍କୁଲ, ହାଇସ୍କୁଲ, ଯୁକ୍ତ୨ କଲେଜ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଗ୍ରାମସେବକ କେନ୍ଦ୍ର, କୃଷି ସମବାୟ ସମିତି, ନିୟନ୍ତ୍ରିତ ବଜାର କମିଟି, ଡାକଘର ଆଦି ରହିଛି। ଏହି ଦୃଷ୍ଟିରୁ ରୁଷୁଡ଼ାରେ ପୋଲିସ ଫାଣ୍ଡିର ଆବଶ୍ୟକ ରହିଛି। ସେହିପରି ଉକ୍ତ ପୋଲିସ ଫାଣ୍ଡି ୫୦ଡେସିମିଲ ପରିମିତ ଜମିରେ ରହିଛି। ଥାନା ସମ୍ପ୍ରସାରଣ ଏବଂ ଷ୍ଟାଫ କ୍ୱାର୍ଟର ପାଇଁ ଆହୁରି ୧ ଏକର ୫୦ ଡେସିମିଲ ଜମି ଦେବାକୁ ଗ୍ରାମବାସୀ ରାଜିଥିବା କହିଛନ୍ତି। ଏଭଳି ସ୍ଥିତିରେ ଅନ୍ୟତ୍ର ପୋଲିସ ଫାଣ୍ଡି ସ୍ଥାନାନ୍ତର କରା ନ ଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଦାବିପତ୍ରରେ ଭେଡ଼େନ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ରୁଷୁଡ଼ା ସରପଞ୍ଚ ସୁରେନ୍ଦ୍ର କର୍ମୀ, ସିଆଲଖଣ୍ଡହଥା, ସୁନା ଲରମ୍ଭା ସରପଞ୍ଚଙ୍କ ସମେତ ଅନେକ ଗ୍ରାମବାସୀଙ୍କ ସ୍ୱାକ୍ଷର ରହିଛି।

# ପାନୀୟଜଳ ସମସ୍ୟା ନେଇ ଉଦ୍‌ବେଗ

## ଦେଓଗାଁ ପଞ୍ଚାୟତ ସମିତି ବୈଠକ

**ଦେଓଗାଁ, ୧୧।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନବନିର୍ବାଚିତ ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ପୂର୍ବ ବିବରଣୀ ପଠନ କରିଥିଲେ। ପ୍ରଥମେ ବ୍ଲକର ବିଭିନ୍ନ ଗାଁରେ ପାନୀୟଜଳ ସମସ୍ୟା ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକର ପଶ୍ଚିମାଞ୍ଚଳର ୪୬ଟି ଗାଁରେ ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡିଥିବାରୁ ଗାଁ ଲୋକମାନେ ପାନୀୟ ଜଳରୁ ବଞ୍ଚିତ ରହୁଥିବା ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଅଭିଯୋଗ ଉଠାଇବା ସହ ଉକ୍ତ ପ୍ରକଳ୍ପଗୁଡିକର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ବ୍ଲକରେ ଭୂତଳ ଜଳ ନିମ୍ନଗାମୀ ହେବାରୁ ଜଳ ସମସ୍ୟା ରହୁଥିବା ବ୍ଲକ ଅଧ୍ୟକ୍ଷ ଖମାରୀ ପ୍ରକାଶ କରିବା ସହ ଦେଓଗାଁ ବ୍ଲକ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ହେଲେ ପାନୀୟଜଳ ସମସ୍ୟା ଦୂରୀଭୂତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଦାବଲିକାନୀ ଗାଁରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଥିବା ହାତୀସରା ସରପଞ୍ଚ କେଲୋ ଡାଙ୍ଗ ଅଭିଯୋଗ ଉଠାଇଥିଲେ। ବରଘାଟିରୁ ସାଲେପାଲି ପର୍ଯ୍ୟନ୍ତ ସୋନଗଡ ନଦୀରୁ ଅନବରତ ବେଆଇନ ବାଲି ଚାଲାଣ ହେଉଥିବାରୁ ଗାଁ ଗୁଡିକରେ ପାନୀୟଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏଣୁ ସୋନଗଡ ନଦୀରୁ ବାଲି ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସାଲେପାଲି ସମିତି ସଭ୍ୟ ମେହେର ଦାବି ଉପସ୍ଥାପନ କରିଥିଲେ। ବ୍ଲକର ୨୬ ପଞ୍ଚାୟତରେ କିଣାଯାଇଥିବା ପାଣି ଟ୍ୟାଙ୍କର ସମ୍ପର୍କରେ ସବିଶେଷ ତଥ୍ୟ ଯୋଗାଇ ନ ଦେବାରୁ ହାତିସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର ଗୃହରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବ୍ଲକର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ବ୍ଲକର ବିଭିନ୍ନ ସ୍କୁଲରେ ୧୨୦ଟି ଶିକ୍ଷକ ପଦବୀ ଖାଲି ରହିଥିବା ବ୍ଲକ ଶିକ୍ଷାଧିକାରୀ ମମତା ମହାଡିକ ସୂଚନା ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ଶୌଚାଳୟ ଅଧାପନ୍ତରିଆ ହୋଇରହିଥିବା ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ ଅଭିଯୋଗ ଉଠାଇଥିଲେ। ବ୍ଲକରେ ଜଳସେଚନର ଅଭାବ ଯୋଗୁ ଗଜା ମରୁଡି ଆଶଙ୍କା ରହିଥିବା ଜନପ୍ରତିନିଧିମାନେ ଅଭିଯୋଗ କରିବା ସହ ଚାଷୀମାନଙ୍କୁ ସରକାରୀ ଯୋଜନାର ସଠିକ ସୂଚନା ଦେବା ପାଇଁ ଦାବି କରିଥିଲେ। ବର୍ତ୍ତମାନ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ସଚେତନ କରାଯାଉଥିବା ସହକାରୀ କୃଷି ଅଧିକାରୀ ରୋହନ ଭୋଇ ସୂଚନା ଦେଇଥିଲେ।

ଦେଓଗାଁ ବ୍ଲକ ମୁଖ୍ୟାଳୟରେ କଲ୍ୟାଣ ମଣ୍ଡପ ନିର୍ମାଣ ସହ ବସ୍ତି କଂକ୍ରିଟରାସ୍ତା ଶୋଚନୀୟ ହୋଇପଡିଥିବାରୁ ତାର ମରାମତି କରିବା ପାଇଁ ସ୍ଥାନୀୟ ସମିତିସଭ୍ୟା ମୀନା କୁମାରୀ ସା ଦାବି କରିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ, ମେଡିସିନ ବିଭାଗ ବିଶେଷଜ୍ଞ ଓ ସର୍ଜରୀ ବିଶେଷଜ୍ଞ ନ ଥିବାରୁ ରୋଗୀ ଖର୍ଚ୍ଚାନ୍ତ ହେଉଥିବା ବେଳେ ଚିକିତ୍ସାଳୟକୁ ନିମ୍ନମାନର ଔଷଧ ଆସୁଥିବା ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଗୁଡଖାପଲା ଓ ଗୌରଗୋଠ ସମେତ ଅନେକ ଗାଁରେ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନ ଥିବା ସରପଞ୍ଚ ଜିବନୀ ଦାଶ ଓ ସମିତିସଭ୍ୟ ଟଙ୍କଧର ବେରିଆ ଅଭିଯୋଗ ଉଠାଇଥିଲେ। ରାମଚନ୍ଦ୍ରପୁରରୁ ଗଏଲପିଟା ରାସ୍ତାରେ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା କାମ ପାଇଁ ବ୍ଲକ ପକ୍ଷରୁ ସୂଚନାଫଳକ ଲାଗିଛି। ତେବେ ଉକ୍ତ ରାସ୍ତା କାମରେ ଅର୍ଥ ଆତ୍ମସାତ ଉଦ୍ୟମ ହୋଇଥିବା ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ ଅଭିଯୋଗ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ। ଏହାକୁ ନେଇ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକ ଓ କେତେଜଣ ଜନପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ହେବା ଚର୍ଚ୍ଚାର ବିଷୟ ହୋଇଛି। ବୈଠକରେ ଆରଡି, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧିକାରୀ ଯୋଗ ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଡିଓ କ୍ଷମାନିଧି ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ସାବତ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ଏମ୍‌ପିଙ୍କ ପ୍ରତିନିଧି ଅମିତ କୁମାର ସିଂ ନିନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# କୁମୁଣ୍ଡେ ବସ୍ତି ପ୍ରବେଶ ପଥରେ ଆଣ୍ଠୁଏ ପାଣି


ଗାଁର ପ୍ରବେଶ ପଥରେ ପାଣି ଜମୁଥିଲେ ହେଁ କାହାରି ନିଘା ନାହିଁ।

**ଲୋଇସିଂହା, ୧୧।୭ (ସୁଶାନ୍ତ ବାରିକ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ କୁମୁଣ୍ଡେ ଗ୍ରାମର ବସ୍ତି ପ୍ରବେଶ ପଥରେ ଆଣ୍ଠୁଏ ପାଣି ଦୀର୍ଘ ଦିନ ହେଲା ଜମା ହୋଇଛି। ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ଫଳସ୍ୱରୂପ ଅସ୍ୱାସ୍ଥ୍ୟକର ପରିବେଶ ସହ ଏପରି ରାସ୍ତା ଦେଇ ଗ୍ରାମବାସୀ ଏବଂ ବିଭିନ୍ନ ଅଞ୍ଚଳ ବାସୀ ଯାତାୟତ କରୁଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସୀମାନ୍ତରେ କୁମୁଣ୍ଡେ ଗାଁ ଅବସ୍ଥିତ। ଗ୍ରାମର କଲାସୀ ଗୁଡ଼ି ସମ୍ମୁଖ ବସ୍ତି ପ୍ରବେଶ ପଥରେ ବର୍ଷା ଓ ଜଳଯୋଗାଣ ପ୍ରକଳ୍ପର ପାଣି ସେହି ସ୍ଥାନରେ ଜମି ରହୁଛି। ପାଣି ନିଷ୍କାସନ ଡ୍ରେନ ପୋତି ହୋଇ ଯାଇଛି। ପଞ୍ଚାୟତ ପକ୍ଷରୁ ପୁନରୁଦ୍ଧାର କରାଯାଉ ନାହିଁ। ଫଳରେ ଏହି ସମସ୍ୟା ଲାଗି ରହିଛି। ଏଠାରେ ଅସାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ମଶା, ମାଛି ପ୍ରାଦୁର୍ଭାବ ଦେଖାଦେଇଛି। ବିଭିନ୍ନ ଅଞ୍ଚଳରେ ଡେଙ୍ଗୁ ଆତଙ୍କ ଦେଖା ଦେଇଛି। କୁମୁଣ୍ଡେ ଗ୍ରାମବାସୀଙ୍କୁ ମଧ୍ୟ ଡେଙ୍ଗୁ ଭୟ ଘାରିଛି। ଏଥିପ୍ରତି ତରଭା ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପୂଜ୍ୟପୂଜା ସେବା ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ

**ବଲାଙ୍ଗୀର, ୧୧।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଟିକ୍ରାପଡା ସ୍ଥିତ ଦଧିବାମନ ମନ୍ଦିରଠାରେ ଉପଦେଷ୍ଟା ତଥା ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୂଜ୍ୟପୂଜା ସେବା ସଙ୍ଗଠନର ଦୁଇ ବାର୍ଷିକ ନିର୍ବାଚନ ଏବଂ ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୩୩ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସଭା ହୋଇଥିଲା। ଏଥିରେ ସମ୍ମାନିତ ବକ୍ତା ଭାବେ ଡ. ଅଶୋକ କୁମାର ସେଠୀ, ଶୁଭେନ୍ଦ୍ର ନେପାକ ଓ କେଶବ ଚନ୍ଦ୍ର ମିଶ୍ର ଯୋଗଦେଇ ପ୍ରଭାକର ରଥଙ୍କ ନିଃସ୍ୱାର୍ଥ ସେବାଭାବକୁ ସାମ୍ପ୍ରତିକ ସମୟରେ ଯୁବପୀଢ଼ି ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ସାହିତ୍ୟିକ ହୃଷୀକେଶ ପୁରୋହିତ ଓ ବିଶିଷ୍ଟ ଶିକ୍ଷାବିତ କପିଳ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଙ୍ଗଠନର ଦୁଇ ବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବ ସମ୍ମତିକ୍ରମେ କେଶବ ଚନ୍ଦ୍ର ମିଶ୍ର ସଭାପତି, ମଧୁ ସାହୁ ଉପସଭାପତି, ସୁନାଧର ବନଛୋର ସମ୍ପାଦକ, ସୀତାଂଶୁ ନାୟକ ସହସମ୍ପାଦକ, ବୃଜେନ୍ଦ୍ର କୁମାର ବେହେରା କୋଷାଧ୍ୟକ୍ଷ, ଦୁର୍ଗା ସାହୁ କାର୍ଯ୍ୟକ୍ରମ ପ୍ରସାରଣ ସଂଯୋଜକ, ଧୀରେନ୍ଦ୍ର ନାରାୟଣ ସିଂଦେଓ ପରିଚାଳନା ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଡା. ଅଶୋକ କୁମାର ସେଠୀ, ଶୁଭେନ୍ଦ୍ର ନେପାକ, ହୃଷୀକେଶ ପୁରୋହିତ, ରତ୍ନମୟ ତ୍ରିପାଠୀ, ମଦନ ମୋହନ ରଥ, ନିହାରିକା ମିଶ୍ର, କବିତା ମିଶ୍ର, ତପସ୍ୱିନୀ ପଶାୟତ ଓ ମାଳତି ଉଦ୍‌ଗାତା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପୂଜ୍ୟପୂଜା ସେବା ସଙ୍ଗଠନର ଉପଦେଷ୍ଟା ଭାବେ ଡା. ଜ୍ୟୋତ୍ସ୍ନାମୟୀ ମହାପାତ୍ର, କପିଳ ପତି, ଜଗଦାନନ୍ଦ ଛୁରିଆ, ଜୟରାମ ମିଶ୍ର, ରଘୁନାଥ ମିଶ୍ର, ନୀଳମଣି ମିଶ୍ର ଓ ଧର୍ମବ୍ରତ ରଥଙ୍କୁ ମନୋନୀତ କରାଯାଇଛି।


ଦେଓଗାଁ ବ୍ଲକର ସାଲେପାଲି ଗାଁ ମାଉସୀ ମା' ମନ୍ଦିରରେ ଜଗନ୍ନାଥଙ୍କ ବାମନ ଅବତାର।

# ଅନ୍ତର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚାଉଳ ଚୋରି ଅଭିଯୋଗ

**ଦେଓଗାଁ, ୧୧।୭ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଳ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ବୁଧବାର ବିଳମ୍ବିତ ରାତିରେ ମଧ୍ୟାହ୍ନ ଭୋଜନ ପାଇଁ ରଖାଯାଇଥିବା ଚାଉଳ ବସ୍ତା ଚୋରି ହୋଇ ଯାଇଥିବା ବନ୍ଧପଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଅନୁସାରେ, କେହି ଦୁର୍ବୃତ୍ତ ବିଦ୍ୟାଳୟ କବାଟର ତାଲା ଭାଙ୍ଗି ୮ ବସ୍ତା ଚାଉଳ ଚୋରି କରି ନେଇଛି। ତେବେ ନିକଟସ୍ଥ ବିଲାସପୁର ପ୍ରାଥମିକ ବିଦ୍ୟାଳୟର କବାଟ ତାଲାକୁ ଚୋର କାଟିଥିଲେ ସୁଦ୍ଧା ଚୋରି କରିପାରି ନ ଥିବା ଏବିଇଓ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ପ୍ରଥମେ କାମ କରିବୁ, ପରେ ବଦଳି ନେଇ କଥା ହେବା: ଉପମୁଖ୍ୟମନ୍ତ୍ରୀ

**ବଲାଙ୍ଗୀର, ୧୧।୭ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜଗନ୍ନାଥପଡା ଠାରେ ଜିଲା ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜ ଆଞ୍ଚଳିକ କମିଟି ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଟ୍ରାନ୍ସଫର ଓ ପୋଷ୍ଟିଂ ପାଇଁ ଅନୁରୋଧ କରୁଥିବା ଲୋକଙ୍କୁ କିଛି କଥା ରୋକ୍‌ଠୋକ୍ ଶୁଣାଇଛନ୍ତି। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନୂଆ ସରକାର ଆସିବା ପରେ ଅନେକ ଲୋକ ଆମ ପାଖକୁ କେବଳ ଚାକିରିରେ ଟ୍ରାନ୍ସଫର ଏବଂ ପୋଷ୍ଟିଂ କରିବା ଅନୁରୋଧ ନେଇ ଆସୁଛନ୍ତି। ସେଭଳି ଲୋକଙ୍କୁ ସେ ହାତଯୋଡି ଅନୁରୋଧ କରି କହିଥିଲେ ଯେ, ଆମକୁ କାମ କରିବାକୁ ଦିଅନ୍ତୁ। ଆମେ ଲୋକଙ୍କୁ ଯାହା ଜବାବ ଦେଇଛୁ ସେ ଉପରେ ପ୍ରଥମେ କାମ କରିବୁ। ପ୍ରଥମ ବର୍ଷ ଆମେ ଲୋକଙ୍କ କାମ କରିବୁ। ଏହାପରେ ଯାଇ ଦ୍ୱିତୀୟ ବର୍ଷରୁ ଲୋକଙ୍କ ଟ୍ରାନ୍ସଫର ଓ ପୋଷ୍ଟିଂ ଉପରେ ବିଚାର କରାଯିବ ବୋଲି କହିଥିଲେ। ଏ ନେଇ ଆପଣମାନେ ରାଜି କି ବୋଲି ମଧ୍ୟ ଉପମୁଖ୍ୟମନ୍ତ୍ରୀ ସିଂଦେଓ ସଭାମଞ୍ଚରୁ ପ୍ରଶ୍ନ କରିଥିଲେ। ଏଥିପାଇଁ ଜନସାଧାରଣ ଓ ଗଣମାଧ୍ୟମର ମଧ୍ୟ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ।

# ଶିକ୍ଷା ହିଁ ସମାଜ ବିକାଶର ମୂଳଦୁଆ

## ଜେମ୍ସ ବିଦ୍ୟାଳୟ ଲୋକାର୍ପିତ

**ଟିଟିଲାଗଡ଼, ୧୧।୭ (ଶରତ ମିଶ୍ର)**


ବିଧାୟକ ବିଦ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ହାର୍ଟ ଟ୍ରଷ୍ଟ, ଭଦ୍ରକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ମୁସଲିମ ସମାଜ ପକ୍ଷରୁ ସିବିଏସଇ ପାଠ୍ୟକ୍ରମ ନେଇ ଇଂରାଜୀ ମିଡିୟମ ବିଦ୍ୟାଳୟ ଜେମ୍ସ ବୁଧବାର ବିଧିବଦ୍ଧ ଭାବରେ ଲୋକାର୍ପିତ ହୋଇଛି। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟର ଲୋକାର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ଜୈନ ଶିକ୍ଷା ହିଁ ସମାଜ ବିକାଶର ମୂଳଦୁଆ ବୋଲି କହିଥିଲେ। ସଂସ୍କାରିତ ଶିକ୍ଷା କେବଳ ବଡ଼ ମଣିଷ ନୁହେଁ ଭଲ ମଣିଷଟିଏ ସମାଜକୁ ଦେଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ବିଧାୟକ ନୂତନ ଭାବରେ ବିଦ୍ୟାଳୟରେ ନର୍ସରୀ, ଏଲକେଜି, ୟୁକେଜି ଶ୍ରେଣୀରେ ନାମ ଲେଖାଇ ଥିବା ଶିଶୁଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ହିଫଜୁଲ ରେହମାନ କହିଥିଲେ, ସାଧାରଣ ପରିବାର ଅର୍ଥାଭାବରୁ ସେମାନଙ୍କ ପିଲାକୁ ଇଂରାଜୀ ମିଡିୟମ ବିଦ୍ୟାଳୟଗୁଡିକରେ ଭର୍ତ୍ତି କରିବାକୁ ଅକ୍ଷମ ହେଉଛନ୍ତି। ଏନେଇ ଟିଟିଲାଗଡ ମୁସଲିମ ସମାଜ ଜାତି ଧର୍ମ ନିର୍ବିଶେଷରେ ସମସ୍ତ ସାଧାରଣ ପରିବାରର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଏହି ପ୍ରୟାସ କରିଛି। ଏନେଇ ସେ ସାଧାରଣ ଜନତାଙ୍କ ସହଯୋଗ କାମନା କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନୂତନ ପ୍ରିନ୍ସିପାଲ ଏମଡି ସୋଏବ, ଟିଟିଲାଗଡ ମୁସଲିମ ସମାଜ ସଭାପତି ଏମଡି ରିୟାଜ ଖାନ, ଉପସଭାପତି ସେକ୍ ଇବ୍ରାହିମ ପିରୁ, ମୁମତାଜ ଖାନ, ଏମଡି ଖାଜ, ଆଇନଜୀବୀ ଆବାସ ଖାନ, ଏମଡି ଅହମ୍ମଦ, ତୌଫିକ ଖାନ, ଗୁଡ୍ଡୁ ଖାନ, ଏ ରାଜ୍ଜୁ, ଏମଡି ଅଜମଲ, ଏମଡି ତାଜ ପ୍ରମୁଖ ଉପସ୍ଥିତ ଥିଲେ।

# ବନମହୋତ୍ସବ ପାଳନ



ବନ ମହୋତ୍ସବ ପାଳନ ଅବସରରେ ଛାତ୍ରୀଛାତ୍ର।

**ପାଟଣାଗଡ, ୧୧।୭ (ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ଏନଏସିସ୍ଥିତ ସମଲେଶ୍ୱରୀ ଆଇଡିଏଲ ସ୍କୁଲରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିବା ପାଇଁ ସମଲେଶ୍ୱରୀ ଆଇଡିଏଲ ସ୍କୁଲ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରିନ୍ସିପାଲ ମମତା ମେହେରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀ ଓ ଅଭିଭାବକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସ୍କୁଲର ସଭାପତି ପ୍ରଦୀପ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କେଭି, ସଙ୍ଗୀତାଙ୍କ ସଭାମଞ୍ଚରେ ଗୋପାଳଜୀ, ଅନନ୍ତ

**ବଲାଙ୍ଗୀର, ୧୧।୭ (ବୀରେନ୍ଦ୍ର କୁମାର ଝାଙ୍କର)**


ଉପମୁଖ୍ୟମନ୍ତ୍ରୀ ଓ ଏମ୍‌ପିଙ୍କ ସମ୍ବର୍ଦ୍ଧନା ସଭାରେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ଅନନ୍ତ ଦାଶ।

ନିର୍ବାଚନ ପୂର୍ବରୁ ବିଚ୍ ରାସ୍ତାରେ ଟଣାଓଟରା, ଠେଲାପେଲା ଓ ମୁହାଁମୁହିଁ ହୋଇ ଚର୍ଚ୍ଚାକୁ ଆସିଥିବା ଦୁଇ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ଅନନ୍ତ ଦାଶଙ୍କୁ ବୁଧବାର ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ସମ୍ବର୍ଦ୍ଧନା ସଭାରେ ଏହି ଦୁଇ ଚର୍ଚ୍ଚିତ ଭାଜପା ନେତାଙ୍କୁ ଦେଖିବାକୁ ମିଳିଥିବାରୁ ଏହା ସହରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏଥର ନିର୍ବାଚନ ପୂର୍ବରୁ ଦଳୀୟ ଟିକେଟ ପାଇଁ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଭାବେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ଗତ ୨୦୧୯ ନିର୍ବାଚନରେ ଭାଜପା ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ ହୋଇଥିବା ଅନନ୍ତ ଦାଶ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ଦଳୀୟ ରାଜ୍ୟ ସଭାପତି ମନମୋହନ ସାମଲ ଓ ଏମ୍‌ପି ସଙ୍ଗୀତା ଦେବୀଙ୍କ ଶୋଭାଯାତ୍ରା ଚାଲିଥିବା ବେଳେ ତାଙ୍କ ଖୋଲା ଗାଡି ସମ୍ମୁଖରେ ଦୁଇ ନେତା ଗୋପାଳଜୀ ଓ ଅନନ୍ତ ଠେଲାପେଲା, ଧସ୍ତାଧସ୍ତି ଓ ମୁହାଁମୁହିଁ ହୋଇଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ଏହାପରେ ଦଳୀୟ ଗୋଷ୍ଠୀ ବିବାଦ ଉଗ୍ର ହୋଇଥିଲା। ତେବେ ଗୋପାଳଜୀ ୨୦୨୪ ନିର୍ବାଚନରେ ଦଳର ବଲାଙ୍ଗୀର ପ୍ରାର୍ଥୀ ହୋଇଥିଲେ। ଫଳରେ ଅନନ୍ତଙ୍କ ଗୋଷ୍ଠୀ ଏକପ୍ରକାର ବରିଷ୍ଠ ରାଜନେତା କନକ ବର୍ଦ୍ଧନ ଓ ସଙ୍ଗୀତାଙ୍କ ଠାରୁ ଦୂରେଇ ଯାଇଥିବା ଚର୍ଚ୍ଚା ହୋଇଥିଲା। କିନ୍ତୁ ବୁଧବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଏମ୍‌ପି ସଙ୍ଗୀତା ଦେବୀଙ୍କ ଅଘରିଆ ସମାଜ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗୋଟିଏ ମଞ୍ଚରେ ଗୋପାଳଜୀ ଓ ଅନନ୍ତଙ୍କୁ ଦେଖିବାକୁ ମିଳିଛି। ଏଥର ନିର୍ବାଚନରେ ଭାଜପାର ବିପୁଳ ବିଜୟ ଓ ସରକାର ଗଠନ ପରେ ବଲାଙ୍ଗୀର ଜିଲା ଭାଜପାର ଗୋଷ୍ଠୀ ବିବାଦ କମାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ପରସ୍ପର ବିବାଦ ଭୁଲି ଏବେ ଭାଜପା ଦଳୀୟ ନେତାମାନେ ଗୋଟିଏ ମଞ୍ଚରେ ସମ୍ମିଳିତ ହେଉଥିବା ଦେଖିବାକୁ ମିଳିଛି।

# ଭାଲିଆମୁଣ୍ଡା ରଥଯାତ୍ରାର ଅନନ୍ୟ ପରମ୍ପରା

**ଲୋଇସିଂହା, ୧୧।୭ (ସୁଶାନ୍ତ ବାରିକ)**


ଭାଲିଆମୁଣ୍ଡା ଯାତ୍ରା ପଡ଼ିଆରେ ରଥାରୂଢ଼ ତିନି ଠାକୁର।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭାଲିଆମୁଣ୍ଡା ଗାଁରେ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ରଥଯାତ୍ରାରେ ଅନନ୍ୟ ପରମ୍ପରା ଦେଖିବାକୁ ମିଳିଥାଏ। ଦ୍ୱିତୀୟାରେ ରଥାରୂଢ ତିନି ଠାକୁର ପଞ୍ଚମୀ ତିଥିରେ ମାଉସୀ ମା'ଙ୍କ ଘରକୁ ବିରାଜମାନ କରିଥାନ୍ତି। ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଅବତାର ନୀତି କରାଯାଇ ନ ଥାଏ। ତୃତୀୟାରୁ ନବମୀ ଯାଏ ଭାଗବତ ପରାୟଣ ଓ ନବମୀରୁ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥାଏ। ପ୍ରାୟ ୧୮୦ ବର୍ଷ ଧରି ଏହି ପରମ୍ପରା ଚାଲି ଆସିଥିବା ଗ୍ରାମର ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ କହିଛନ୍ତି। ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ବସ୍ତିରେ ରହିଛି ବଳଦେବଜୀଉ ମନ୍ଦିର। ଦ୍ୱିତୀୟା ତିଥିରେ ବଳଦେବଜୀଉ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ପୁରୋହିତ ଜୟନାରାୟଣ ମିଶ୍ରଙ୍କ ମନ୍ତ୍ରପାଠ, ପୂଜକ ଗୁଣନିଧି ମିଶ୍ର ଓ ଦୟାନିଧି ମିଶ୍ର ନୀତିକାନ୍ତି କଲା ପରେ ଗ୍ରାମର ଗଉଁନ୍ତିଆ ପ୍ରଭୁଦତ୍ତ ମିଶ୍ର ଏବଂ ଗ୍ରାମବାସୀ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରି ରଥାରୂଢ କରିଥିଲେ। ପରେ ମାଉସୀ ମା' ମନ୍ଦିର ଯାତ୍ରା ପଡିଆ ଯାଏ ରଥାଟଣା ହୋଇଥିଲା। କିନ୍ତୁ ସେହିଦିନ ମହାପ୍ରଭୁ ମାଉସୀ ମା' ମନ୍ଦିରକୁ ବିରାଜ କରି ନ ଥାନ୍ତି। ଏଠାରେ ପ୍ରତିବର୍ଷ ତୃତୀୟା ଓ ଚତୁର୍ଥୀରେ ତିନି ଠାକରଙ୍କୁ ରଥ ଉପରେ ନୀତିକାନ୍ତି କରାଯାଇଥାଏ। ଯୁବ ପୁରୋହିତ ମିଶ୍ରଙ୍କ କହିବା ଅନୁଯାୟୀ, ପଞ୍ଚମୀ ତିଥିରେ ସବୁବର୍ଷ ମାଉସୀ ମା' ମନ୍ଦିରକୁ ବିରାଜମାନ କରିଥାନ୍ତି। ଏହି କ୍ରମରେ ଚଳିତବର୍ଷ ବୁଧବାର ରଥରେ ଅବକାଶ ନୀତି ଓ ମଙ୍ଗଳା ଆଳତି କରାଯିବା ପରେ ପହଣ୍ଡି ବିଜେ କରି ମାଉସୀ ମା' ମନ୍ଦିର ମଣ୍ଡପକୁ ଠାକୁରଙ୍କୁ ନିଆଯାଇଥିଲା। ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଏହି ଅବସରରେ ଭାଗବତ ପାରାୟଣ ଚାଲିଛି। ଗୁରୁବାର ଥିଲା ଚତୁର୍ଥ ଦିବସ। ବ୍ୟାସ ଭାବେ ମହେନ୍ଦ୍ର ମିଶ୍ର ପାରାୟଣ କରୁଥିବା ବେଳେ କାହ୍ନୁଚରଣ ମିଶ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଗଉଁନ୍ତିଆ ପ୍ରଭୁଦତ୍ତ କହିଛନ୍ତି, ମହାପ୍ରଭୁଙ୍କ ବିଭିନ୍ନ ଅବତାର ପାଇଁ ସାମଗ୍ରୀ ନାହିଁ। ବଳଦେବଜୀଉଙ୍କ ପାଣ୍ଠି ନାହିଁ। ସରଞ୍ଜାମ କିଣିବାକୁ ହେଲେ ଲକ୍ଷାଧିକ ଟଙ୍କା ଲାଗିବ। ଏଣୁ ଭାଗବତ ପାରାୟଣ ଓ ନାମଯଜ୍ଞ ଆୟୋଜିତ କରିଥାଉ ବୋଲି ଗଉଁନ୍ତିଆ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼,୧୧।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବୁଧବାର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗୃହ ହୋଇଥିଲା। ଅନୁଷ୍ଠାନର ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହ୍ଲାଙ୍କ ଜନ୍ମଦିନ ଅବସରରେ ଅନୁଷ୍ଠିତ ଏହି ଶିବିରକୁ ଆର୍‌ଡବ୍ଲୁଏସଏସ୍ ବିଭାଗର ମଞ୍ଜୁ ସୁହ୍ଲା ଉଦଘାଟନ କରିଥିଲେ। କୋଶଲ ସଂଗ୍ରାମୀ ରମଣୀ ଦନ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଲେ। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଜିତୁ ମହାପାତ୍ର, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ସଂକେତ ଆଠଘରା, ସୁତପା ଗଡ଼ତିଆ, ପ୍ରାଚୀ କର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମହିଳା ଶାଖା ମୁଖ୍ୟ ସୁହ୍ଲାଙ୍କୁ ଏକ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ

ବରଗଡ଼,୧୧।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ହାୟର ଏଜୁକ୍ୟାଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ନାଗେନପାଲି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ନାଗେନପାଲି ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ନିରୁପମା ବିଶି ଏବଂ ଗ୍ରାମର ଆଶା, ଅଙ୍ଗନୱାଡ଼ି କର୍ମୀମାନେ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ ଉପରେ ଗ୍ରାମରେ ସଚେତନତା ସୃଷ୍ଟି କରିଥିଲେ। ଅଧ୍ୟାପିକା ଲଭଲି ମାସି ଦାଶ ଏବଂ ସୁଚରିତା ସେଠଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। ପରେ ନାଗେନପାଲି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଏସସି ନର୍ସିଂ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ମୂଳକ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା।

### ଡାକ୍ତରଖାନା ଫାଟକ ନିକଟରେ ମୃତଦେହ

ବରଗଡ଼,୧୧।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନା ଫାଟକ ନିକଟରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କ ବୟସ ପାଖାପାଖୀ ୨୧ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେ ଏକ ହାପପେଣ୍ଟ ଏବଂ ଟି ସାର୍ଟ ପିନ୍ଧିଛନ୍ତି। ଭଟଲି ଥାନା ପୋଲିସ ମୃତଦେହ ଜବତ କରିଛି। ମୃତଦେହ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତେବେ କିଭଳି ପରିସ୍ଥିତିରେ ତାଙ୍କ ମୃତ୍ୟୁ ହୋଇଛି ଏବଂ କେଉଁ ସ୍ଥିତିରେ ସେଠାରେ ମୃତଦେହ ପଡ଼ି ରହିଲା, ତାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ସଡ଼କ ଦୁର୍ଘଟଣାରେ ମୁଦ୍ରା ସଂଗ୍ରାହକ ମୃତ

- ଦୁର୍ଘଟଣା ପରେ ଘଟଣାସ୍ଥଳରେ ସାମୟିକ ଉତ୍ତେଜନା
- ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର ଲୋକେ

ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କା ଦେବା ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ବରଗଡ଼ ବ୍ଲକ ଅନ୍ତର୍ଗତ ନଦୀପଡ଼ା(ଡାଙ୍ଗ) ନିବାସୀ ଗୋବର୍ଦ୍ଧନ ତ୍ରିପାଠୀ(୬୯)। ସ୍ୱର୍ଗତ ତ୍ରିପାଠୀ ବହୁ ପୁରୁଣା ମୁଦ୍ରା ସଂଗ୍ରାହକ ଭାବେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ମୃତ୍ୟୁ ପରେ ପରିବାର ଲୋକେ ତ୍ରିପାଠୀଙ୍କ ଚକ୍ଷୁଦାନ କରିଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଗାଡ଼ି କିଛି ସମୟ ଧରି ଅଟକି ରହିଥିଲା। ପୋଲିସ ପହଞ୍ଚିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛି।

ପ୍ରକାଶ ଯେ, ତ୍ରିପାଠୀ ନିଜ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଫେରିବା ବାଟରେ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ଅନୁରୋଧକ୍ରମେ ମୃତକଙ୍କ ପରିବାର ଲୋକେ ଚକ୍ଷୁଦାନ ପାଇଁ ରାଜି ହୋଇଥିଲେ। ଏହାପରେ ଚକ୍ଷୁବ୍ୟାଙ୍କ କର୍ମଚାରୀମାନେ ସ୍ୱର୍ଗତ ତ୍ରିପାଠୀଙ୍କ ଚକ୍ଷୁ ସଂଗ୍ରହ କରିଥିଲେ। ଚକ୍ଷୁ ସଂଗ୍ରହ ସମୟରେ ମୃତକଙ୍କ ପୁତୁରା କିଶୋର, ମନୋଜ, ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ବିଦ୍ୟାଧର ଭୋଇ, ସଙ୍କେତ ଆଠଘରା, ପ୍ରମୋଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଚକ୍ଷୁ ବ୍ୟାଙ୍କ କର୍ମଚାରୀ ସୁନୀଲ ସା ମୃତକଙ୍କ ପରିବାର ଲୋକଙ୍କୁ ଚକ୍ଷୁଦାନ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ସ୍ୱର୍ଗତ ତ୍ରିପାଠୀ ତାଙ୍କ ଦ୍ୱାରା ସଂଗୃହୀତ ପୁରୁଣା ମୁଦ୍ରା ସମେତ ବିଭିନ୍ନ ସାମଗ୍ରୀ ନିଷ୍ଠା ପରିବାରକୁ ଦାନ କରିଥିଲେ। ବିଭିନ୍ନ ସ୍କୁଲ, କଲେଜରେ ମଧ୍ୟ ତାହା ପ୍ରଦର୍ଶିତ ହୋଇଥିଲା। ମୃତକଙ୍କ ଏକମାତ୍ର ପୁଅ ଅଶୋକ ଦିଲ୍ଲୀରେ ରହୁଛନ୍ତି। ସେ ଘରକୁ ଫେରିବା ପରେ ଶୁକ୍ରବାର ସ୍ୱର୍ଗତ ତ୍ରିପାଠୀଙ୍କ ଶବଦାହ କରାଯିବ ବୋଲି ପରିବାର ଲୋକଙ୍କଠାରୁ ସୂଚନା ମିଳିଛି।



ଦୁର୍ଘଟଣା ଘଟାଇଥିବା ଟ୍ରକ।



ମୃତକଙ୍କ ପରିବାର ଲୋକେ ଚକ୍ଷୁଦାନ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।



ନାଗେନପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ କ୍ଷୁଦ୍ର ନାଟକ ପରିବେଷଣ।

# ଜଗନ୍ନାଥଙ୍କ ରଥ ଭାଙ୍ଗିଲେ ଲକ୍ଷ୍ମୀ



ପାଇକମାଳ,୧୧।୭(ବଡ଼ ଶତପଥୀ)

ବରଗଡ ଜିଲା ନୃସିଂହନାଥ ମନ୍ଦିରରୁ ମହାଲକ୍ଷ୍ମୀ ତାଙ୍କ ରଥରେ ବାହାରି ପାଇକମାଳ ମାଉସୀମା ମନ୍ଦିର ନିକଟକୁ ଆସିଥିଲେ। ମାଉସିମା ଘର ସମ୍ମୁଖରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ରାଗରେ ଭାଙ୍ଗିଥିଲେ। ଦ୍ୱିତିୟା ଦିନ ମହାପ୍ରଭୁ ଜଗନ୍ନାଥ ତାଙ୍କ ବଡ ଭାଇଭଉଣୀଙ୍କୁ ଧରି ମହାଲକ୍ଷ୍ମୀଙ୍କୁ ଛାଡି ଦେଇ ମାଉସୀ ଘରକୁ ଆସିଥିଲେ। ୫ ଦିନ ହେବ ମହାପ୍ରଭୁ ଜଗନ୍ନାଥ ଘରକୁ ନ ଫେରିବାରୁ ରାଗରେ ମହାଲକ୍ଷ୍ମୀ ମାଉସୀ ଘରକୁ ଯାଇ ରଥ ଭାଙ୍ଗିସାରିବା ପରେ ନିଜ ମନ୍ଦିରକୁ ଫେରି ଆସିଥିଲେ। ଏହି କାର୍ଯ୍ୟକ୍ରମରେ ନୃସିଂହନାଥ ବ୍ରହ୍ମଣ ସମାଜ କର୍ମକର୍ତ୍ତା ସୁନିଲ ପୁରୋହିତ, ଆକାଶ ପାଣିଗ୍ରାହୀ, ମାତୃପ୍ରସାଦ ରଥ, ପ୍ରିତେଶ ବଡପଣ୍ଡା ତଥା ନୃସିଂହ ନାଥ ମନ୍ଦିର ପୂଜକମାନେ ସହଯୋଗ କରିଥିଲେ। ଫେରିବା ସମୟରେ ପାଇକମାଳ, ନରସିଂହପଡା, ଜର୍ଜଗଡ, ଦଣ୍ଡପାଟ, ଦୁର୍ଗାପାଲି ମା' ଭଉଣୀମାନେ ଏକତ୍ରିତ ହୋଇ ନିଜ ଘର ସମ୍ମୁଖରେ ମାଲକ୍ଷ୍ମୀଙ୍କୁ ପୂଜା ଅର୍ଚ୍ଚନା କରିଥିଲେ।

# ସୁବର୍ଣ୍ଣଦୀପର ରଥଯାତ୍ରା ସଂଖ୍ୟା ଲୋକାର୍ପିତ

ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ବୁଧବାର ଯୁଗୋପଯୋଗୀ ଶିଶୁ ସାହିତ୍ୟ ପତ୍ରିକା ସୁବର୍ଣ୍ଣଦୀପର ରଥଯାତ୍ରା ସଂଖ୍ୟା ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଅଶ୍ଳେଷା ମହାନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଫେସର ସ୍ନିଗ୍ଧା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ନିଜ ରୁଚି ଅନୁଯାୟୀ ବୃତ୍ତି ଚୟନ କରିବାକୁ କହିଥିଲେ। ଏହା ସହିତ ସାହିତ୍ୟ ପ୍ରତି ସ୍ୱତନ୍ତ୍ର ରୁଚି ରଖିବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ମନୋରଞ୍ଜନ ମେହେର, ଲେଖିକା ମୀନା ପଣ୍ଡା, ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ସୁବର୍ଣ୍ଣଦୀପର ରଥଯାତ୍ରା ସଂଖ୍ୟାକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଏବଂ ଭାରତୀ ଶିଶୁ ସାହିତ୍ୟ ସଂସଦକୁ ସ୍ମୃତିଫଳକ, ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସଭାନେତ୍ରୀ ରେଣୁକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଣାପ୍ରତାପ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।



ଶିଶୁ ସାହିତ୍ୟ ପତ୍ରିକା ସୁବର୍ଣ୍ଣଦୀପର ରଥଯାତ୍ରା ସଂଖ୍ୟାକୁ ଲୋକାର୍ପିତ କରାଯାଉଛି।

## ବରଗଡ଼ ଜିଲା ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ଯୋଗଦାନ

### ପୁରୀ ରଥଯାତ୍ରା ସାମାଜିକ ସେବା ଶିବିର

ବରପାଲି,୧୧।୭(ଚିତ୍ତରଞ୍ଜନ ସାହୁ)

ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସେବା ଶିବିରରେ ବରଗଡ଼ ଜିଲା ବରପାଲି ମହାବିଦ୍ୟାଳୟର ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ରାଜଶେଖର ବଗାର, ସମୀର ବିଶି ଓ ଆଶିଷ କୁମାର ସା ତଥା ପରାମର୍ଶଦାତା ଅଧ୍ୟାପକ ଅଲେଖ କୁମାର ମହାନନ୍ଦ ଏବଂ ଜିଲା ସଂଯୋଜକ ପରମାନନ୍ଦ ରଥ ଯୋଗଦାନ କରିଥିଲେ। ଶିବିର ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଓ ସଚିବ ବିଭୂତି ଭୂଷଣ ପଟ୍ଟନାୟକ ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସଭା କାର୍ଯ୍ୟ ପରିଚାଳନା କରିଥିଲେ ଓଡ଼ିଶା ରାଜ୍ୟ ଶାଖା ରେଡକ୍ରସ ସୋସାଇଟିର ସମ୍ପାଦକ ଡ. ରମେଶ ଚନ୍ଦ୍ର ବେହେରା। ସ୍ୱେଚ୍ଛାସେବୀମାନେ ରଥଯାତ୍ରାର ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଜଳ ବାଣ୍ଟିବା, ପାଣି ଛିଞ୍ଚିବା ତଥା ଅସୁସ୍ଥ ଭକ୍ତଙ୍କୁ ଷ୍ଟ୍ରେଚରରେ ବୋହି ନେଇ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ଆଦି କାର୍ଯ୍ୟ କରିଥିଲେ ଏବଂ ପୁରୀ ଜିଲା ପ୍ରଶାସନ ସହଯୋଗ କରିଥିଲେ।

# ଚାରାରୋପଣ କଲେ ଛାତ୍ରୀଛାତ୍ର, କର୍ମଚାରୀ

ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକାଶ ହାୟର୍ ଏଜୁକ୍ୟାଶନାଲ ଇନଷ୍ଟିଚ୍ୟୁଶନ୍ସ ଏବଂ ଭଟଲି ବନ ବିଭାଗର ମିଳିତ ଆନୁକୂଲ୍ୟରେ ଚାରାରୋପଣ କରାଯାଇଥିଲା। ବରଗଡ଼ ବନଖଣ୍ଡ ଅଧିକାରୀ(ଡିଏଫଓ) ବିକ୍ରମଦେବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଭଟଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ ମୁଖ୍ୟଅତିଥି, ଆଞ୍ଚଳିକ ମୁଖ୍ୟ ବନଖଣ୍ଡ ସଂରକ୍ଷକ ଟି. ଅଶୋକ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିକାଶ ଡିଗ୍ରୀ କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର, ଉପାଧ୍ୟକ୍ଷ ଆରଏସଭି କ୍ରୀଷ୍ଣାଙ୍କ ତତ୍ତ୍ୱାବଧାନରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ଥିଲେ। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ଭାଜପା ଜିଲା କାର୍ଯ୍ୟକାରୀ ସଭାପତି ଡା. ଅରୂପାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ତାହିର୍ ହୁସେନଙ୍କ ସମେତ ଉଭୟ ବିଭାଗର ସମସ୍ତ କର୍ମଚାରୀ ଯୋଗଦାନ କରିଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରମୋଦ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଓ ଅନ୍ୟମାନେ।

# ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଦାବି

ବରଗଡ଼,୧୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟି ପଞ୍ଚାୟତ ଅନ୍ତର୍ଗତ ବୁର୍ଦ୍ଧା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର-୨ରେ ନୂତନ ଗୃହ ନିର୍ମାଣ ପାଇଁ ଦାବି ହୋଇଛି। ଏହି ଦାବି ନେଇ ଗ୍ରାମର ମହିଳାମାନେ ଭେଡ଼େନ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଉକ୍ତ କେନ୍ଦ୍ରରେ ୨୫ଶିଶୁ ଅଛନ୍ତି। କିନ୍ତୁ ସେମାନେ ବସିବା ପାଇଁ କେନ୍ଦ୍ରରେ ଆବଶ୍ୟକ ଜାଗା ନାହିଁ। ଏ ନେଇ ବାରମ୍ବାର ଜଣାଇବା ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ କିଛି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏଠାରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ପୂର୍ବରୁ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର ତାର ଠିକ୍ ବିନିଯୋଗ ହୋଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ତାର ବିଧିବଦ୍ଧ ତଦନ୍ତ ସହିତ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ଦିଗରେ ବିହିତ ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିନୋଦିନୀ ଦୀପ୍, ମେନକା ଭୋସାଗର ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ଋତୁରେ ସକ୍ରିୟ ବାଲିମାଫିଆ

- ଖୋଲା ସ୍ଥାନରେ ଗଦା ହେଉଛି ଶହଶହ ସିଏମ୍
- ରାଜସ୍ୱ ବିଭାଗ ଚୁପ୍
- ସେତୁର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ପଦ୍ମପୁର,୧୧।୭ (ପ୍ରଦୀପ୍ତ ଦାଶ)

ସାଧାରଣତଃ ଜୁନ ୧୫ରେ ବର୍ଷା ହୋଇଥାଏ। ଜୁନ ଶେଷରେ ସମସ୍ତ ନଦୀ ନାଳରେ ପାଣି ପ୍ରବାହିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବାଲି ମାଫିଆମାନେ ବିଭିନ୍ନ ପଡିଆ ତଥା ଖୋଲା ସ୍ଥାନ ଦେଖି ଶହଶହ ସିଏମ ବାଲି ଗଦା କରି ରଖୁଛନ୍ତି। ଏ ନେଇ ରାଜସ୍ୱ ବିଭାଗଠାରେ ଖବର ଥିଲେ ମଧ୍ୟସବୁ ଜାଣି ବିଭାଗ ଚୁପ ରହୁଥିବା ଅଭିଯୋଗ ହେଉଛି। ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ପାଇକମାଳ, ଝାରବନ୍ଧ, ପଦ୍ମପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଲି ଗଚ୍ଛିତ ହୋଇଥିବା ନେଇ ଅଭିଯୋଗ ହୋଇଛି। ଶହଶହ ଟ୍ରିପ ବାଲି ଗଚ୍ଛିତ ହୋଇଥିବା ବେଆଇନ ହୋଇଥିଲେ ମଧ୍ୟ ମାଫିଆମାନେ ଏଥିରୁ କ୍ଷାନ୍ତ ହେଉନାହାନ୍ତି। ପଦ୍ମପୁର ସହରର ବିଭିନ୍ନ ସ୍ଥାନରେ ଏହି ବାଲି ଗଚ୍ଛିତ ହୋଇ ଚଢ଼ା ଦରରେ ବିକ୍ରି ହେଉଛି। ଏ ସମ୍ପର୍କରେ ରାଜସ୍ୱ ବିଭାଗ ଜାଣିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ ବସିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ୩ଟି ବ୍ଲକ ଅଞ୍ଚଳରେ ଅଙ୍ଗ ନଦୀ ସମେତ ଆହୁରି ଛୋଟ ଛୋଟ ନଦୀ ପ୍ରବାହିତ ହେଉଛି। ଏହି ନଦୀରେ ତିଆରି ହୋଇଥିବା ବିଭିନ୍ନ ସେତୁର ପାର୍ଶ୍ୱରୁ ବାଲି ଉତ୍ତୋଳନ ହେଉଛି। ଯାହାକି ସେତୁମାନଙ୍କ ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ଅପରପକ୍ଷରେ ବାଲି ମାଫିଆମାନେ ଲିଜ ଏରିଆ ବାହାରୁ ବାଲି ଉଠାଇବା ସହିତ ମେଶିନ ସାହାଯ୍ୟରେ ୧୦ ଫୁଟ ପର୍ଯ୍ୟନ୍ତ ଗଭୀର କରି ଉତ୍ତୋଳନ କରୁଛନ୍ତି। ତୁରନ୍ତ ଏଦିଗରେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



ପଦ୍ମପୁର ସହର ଭିତରେ ବାଲି ଗଚ୍ଛିତ କରି ରଖାଯାଇଛି।

# ପୋଲିସ ଫାଣ୍ଡି ସ୍ଥାନାନ୍ତର କରା ନ ଯାଉ

ବରଗଡ଼,୧୧।୭ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରୁଷୁଡ଼ା ପୋଲିସ ଫାଣ୍ଡି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଉଦ୍ୟମ ଚାଲିଥିବା ସାଧାରଣରେ ଆଲୋଚିତ ହେଉଛି। ଏହା ଜାଣିବା ପରେ ଉକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ପୋଲିସ ଫାଣ୍ଡିକୁ ସ୍ଥାନାନ୍ତର ନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି କ୍ରମରେ ଗୁରୁବାର ଅଞ୍ଚଳବାସୀ ବରଗଡ଼ ଏସ୍‌ପି ପି.ଏସ ମୀନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ଦାବିପତ୍ର ଗ୍ରହଣ କରିଥିଲେ। ସେହିପରି ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣଙ୍କୁ ଭେଟି ଦୀର୍ଘବର୍ଷରୁ ରହିଥିବା ପୋଲିସ ଫାଣ୍ଡିକୁ ସ୍ଥାନାନ୍ତର ନ କରିବା ପାଇଁ ନିବେଦନ କରିବା ସହିତ ଉକ୍ତ ଫାଣ୍ଡି ପାଇଁ ଯଦି ଆହୁରି ଜମି ଆବଶ୍ୟକ ପଡୁଛି, ତାହା ଅଞ୍ଚଳବାସୀ ଯୋଗାଇ ଦେବା ପାଇଁ ଗ୍ରାମବାସୀ କହିଛନ୍ତି।

ପ୍ରକାଶ ଯେ, ଦୀର୍ଘ ୬୦ବର୍ଷ ତଳୁ ରୁଷୁଡ଼ା ଗ୍ରାମବାସୀଙ୍କ ଶ୍ରମଦାନରୁ ପୋଲିସ ଫାଣ୍ଡି ପ୍ରତିଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାପାର୍ଶ୍ୱରେ ଫାଣ୍ଡିଟି ରହିଥିବାବେଳେ ୭୫୦ ମିଟର ଦୂରରେ ରାଜ୍ୟ ରାଜପଥ ଯାଇଛି। ଫାଣ୍ଡିରୁ ଭେଡ଼େନ ଥାନାକୁ ମଧ୍ୟ ପକ୍କାରାସ୍ତା ଯାଇଛି। ଫଳରେ ଗମନାଗମନ କ୍ଷେତ୍ରରେ ଉକ୍ତ ଫାଣ୍ଡିକୁ କିଛି ଅସୁବିଧା ନାହିଁ। ଅନ୍ୟପଟେ ରୁଷୁଡ଼ାରେ ପ୍ରାଥମିକ ସ୍କୁଲ, ହାଇସ୍କୁଲ, ଯୁକ୍ତ୨ କଲେଜ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଗ୍ରାମସେବକ କେନ୍ଦ୍ର, କୃଷି ସମବାୟ ସମିତି, ନିୟନ୍ତ୍ରିତ ବଜାର କମିଟି, ଡାକଘର ଆଦି ରହିଛି। ଏହି ଦୃଷ୍ଟିରୁ ରୁଷୁଡ଼ାରେ ପୋଲିସ ଫାଣ୍ଡିର ଆବଶ୍ୟକ ରହିଛି। ସେହିପରି ଉକ୍ତ ପୋଲିସ ଫାଣ୍ଡି ୫୦ଡେସିମିଲ ପରିମିତ ଜମିରେ ରହିଛି। ଥାନା ସମ୍ପ୍ରସାରଣ ଏବଂ ଷ୍ଟାଫ କ୍ୱାର୍ଟର ପାଇଁ ଆହୁରି ୧ ଏକର ୫୦ ଡେସିମିଲ ଜମି ଦେବାକୁ ଗ୍ରାମବାସୀ ରାଜିଥିବା କହିଛନ୍ତି। ଏଭଳି ସ୍ଥିତିରେ ଅନ୍ୟତ୍ର ପୋଲିସ ଫାଣ୍ଡି ସ୍ଥାନାନ୍ତର କରା ନ ଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଦାବିପତ୍ରରେ ଭେଡ଼େନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ରୁଷୁଡ଼ା ସରପଞ୍ଚ ସୁରେନ୍ଦ୍ର କର୍ମୀ, ସିଆଲଖଣ୍ଡହଥା, ସୁନା ଲରମ୍ବା ସରପଞ୍ଚଙ୍କ ସମେତ ଅନେକ ଗ୍ରାମବାସୀଙ୍କ ସ୍ୱାକ୍ଷର ରହିଛି।



ପୋଲିସ ଫାଣ୍ଡି ସ୍ଥାନାନ୍ତର ନ କରିବା ଦାବିରେ ଏସ୍‌ପି, ଉପଜିଲାପାଳଙ୍କୁ ଫେରାଦ ହୋଇଥିବା ଅଞ୍ଚଳବାସୀ।

## ରୁଷୁଡ଼ା ଅଞ୍ଚଳବାସୀଙ୍କ ଦାବି

## ସଂକ୍ଷେପରେ

### ୨ଦିନ ପରେ 'ନ୍ୟୁଟ୍ରିଫେଷ୍ଟ' କିଡ୍ସ ଫ୍ୟାଶନ ଶୋ

ରାଉରକେଲା,୧୧।୭ (ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡ ସ୍ଥିତ ଫୁଟୋନ ମଲଠାରେ ଚଳିତ ମାସ ୧୪ ତାରିଖରେ 'ନ୍ୟୁଟ୍ରିଫେଷ୍ଟ' କିଡ୍ସ ଫ୍ୟାଶନ ଶୋ' ଅନୁଷ୍ଠିତ ହେବ। ଏହି ଫ୍ୟାଶନ ଶୋ'କୁ ନ୍ୟୁଟ୍ରିସ୍ଲିପ୍ ଓ ରୋଟାରି କ୍ଲବ ଅଫ ରାଉରକେଲା କୁଇନ୍ସର ମିଳିତ ସହଯୋଗରେ ଆୟୋଜିତ କରାଯିବ। ଦୈନିକ ଓଡିଆ ଖବର କାଗଜ ଧରିତ୍ରୀ ଓ ଇଂରାଜୀ କାଗଜ ଓଡ଼ିଶା ପୋଷ୍ଟ ମୁଖ୍ୟ ମିଡିଆ ପାର୍ଟନର ରହିଛନ୍ତି। ଏଥିରେ ବହୁ ଘରୋଇ ପ୍ରମୁଖ ସଂସ୍ଥାଗୁଡିକ ସହଭାଗୀ ରହିବ। ପବ୍ଲିକ୍ ଇମେଜ୍ ଚେୟାରପର୍ଶନ ଡକ୍ଟର ମନମିନ୍ କୌରଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ନ୍ୟୁଟ୍ରିଫେଷ୍ଟରେ ବିଭିନ୍ନ ପ୍ରତିଯୋଗୀଙ୍କୁ ପଞ୍ଜିକରଣ ପାଇଁ କୁଆଡେ ନ ଯାଇ ନିଜ ମୋବାଇଲ ମାଧ୍ୟମରେ ଫୋନ୍ ନମ୍ବର ୭୫୮୧୯୨୧୦୦୦, ୭୯୯୯୬୫୦୨୬୩ ଓ ୮୯୧୭୪୫୯୬୮୪ ଯୋଗେ ଯୋଗାଯୋଗ କରି ପଞ୍ଜିକରଣ କରିପାରିବେ। ଏହି ଶୋ ପାଇଁ ୩ଟି ବର୍ଗର ପ୍ରି-୭ ବର୍ଷରୁ କମ୍, ଜୁନିୟର ୮ରୁ ୧୨ ବର୍ଷ, ସିନିଅର ବର୍ଗରେ ୧୩ରୁ ୧୭ ବର୍ଷ ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି କାଟାଗୋରୀ-୧ରେ ଚିତ୍ରାଙ୍କନ, କ୍ରିଏଟିଭ ରାଇଟିଙ୍ଗ ଓ ଷ୍ଟୋରୀ ଟେଲିଙ୍ଗ ଭଳି କାର୍ଯ୍ୟକ୍ରମ ରହିଛି। ଏହାର ପ୍ରବେଶିକା ଫି ୩୦ଶହ ଧାର୍ଯ୍ୟ କରାଯାଇଛି। ସେହିପରି କ୍ୟାଟାଗୋରୀ-୨ ରେ ନ୍ୟୁଟ୍ରି କୁଇଜ ଓ ସ୍ପେଲ ବି ଭଳି କାର୍ଯ୍ୟକ୍ରମ ରହିଛି। ଏହାର ଫି-୪ଶହ ଟଙ୍କା ରହିଛି। କ୍ୟାଟାଗୋରୀ-୩ ରେ କିଡ୍ସ ଫିଟନେସ୍ ଶୋ ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ରହିଛି। ଏହି ଶୋର ଫି ୫ଶହ ଟଙ୍କା ରହିଛି। ସୂଚନାଯୋଗ୍ୟ, ୨୦୨୪ ଜୁଲାଇ ୧୪ ଦିନ ୧୨ଟାରୁ ରାତି ୮ଟା ପର୍ଯ୍ୟନ୍ତ ଉପରୋକ୍ତ କାର୍ଯ୍ୟକ୍ରମଗୁଡିକ ରାଉରକେଲା ଫୁଟୋନ ମଲଠାରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ରୋଟାରୀ କ୍ଲବ୍ ଅଫ ରାଉରକେଲା କୁଇନ୍ସ ସଭାପତି ବରଖା ଗୁପ୍ତାଙ୍କ ପକ୍ଷରୁ ସୂଚନା ମିଳିଛି।

### ବେକରେ ଫାଶ ଲଗାଇ ଯୁବକ ମୃତ

ରାଉରକେଲା,୧୧।୭(ଦିନେଶ ମିଶ୍ର): ଛେଣ୍ଡଥାନା ଅନ୍ତର୍ଗତ ବାଗୁଡି ବସ୍ତିରେ ବାସ କରୁଥିବା ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଗଦାଧର ପଶ୍ଚୟାତ(୩୩)। ସୂଚନାଯୋଗ୍ୟ, ଛେଣ୍ଡ ବାଗୁଡି ବସ୍ତିରେ ଗଦାଧର ପରିବାର ସହ ବାସ କରନ୍ତି। ଗତ ୧୦ ତାରିଖ ରାତିରେ ପରିବାର ସମସ୍ତ ସଦସ୍ୟ ଖାଇସାରି ଶୋଇ ପଡିବା ପରେ ବିଳମ୍ବିତ ରାତିରେ ଯୁବକ ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଘର ଆଜବେଷ୍ଟସ୍ ଲୁହାପାଇପ୍‌ରେ ଶାଢ଼ୀବାନ୍ଧି ଝୁଲି ଯାଇଥିଲେ। ସକାଳ ହେବାରୁ ପରିବାର ଲୋକେ ଏହି ଦୃଶ୍ୟ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଚିକିତ୍ସାଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଛେଣ୍ଡ ପୋଲିସ ଏକ ମାମଲା (ନଂ.୧୩।୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ସିଟୁ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ



ଏଡିଏମ୍ କାର୍ଯ୍ୟାଳୟ ନିକଟରେ ଶୋଭାଯାତ୍ରା କରାଯାଉଛି।

ରାଉରକେଲା, ୧୧।୭(ସଙ୍ଗୀତା ଜେନା)

ସିଟୁ କେନ୍ଦ୍ର କମିଟି ଆହ୍ୱାନକ୍ରମେ ଗୁରୁବାର ସର୍ବଭାରତୀୟ ସ୍ତରରେ ଶ୍ରମିକ, କୃଷକ ଓ ସାଧାରଣ ମଣିଷଙ୍କ ୧୯ ଦଫା ଦାବିକୁ ନେଇ ଜିଲାପାଳ, ଉପଜିଲାପାଳ, ବିଡ଼ିଓଙ୍କ ଜରିଆରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଥିଲା। ଏହା ସହ ଶୋଭାଯାତ୍ରା ଓ ବିକ୍ଷୋଭ ହୋଇଥିଲା। ସିଟୁ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ରାଉରକେଲା ଓ କୋଇଡ଼ାରେ ଏହି କାର୍ଯ୍ୟକ୍ରମ ସଙ୍ଗଠିତ ହୋଇଛି। ଅପରାହ୍ନରେ ସିଟୁ ସୁନ୍ଦରଗଡ଼ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ରାଉରକେଲା ଅତିରିକ୍ତ ଜିଲାପାଳ(ଏଡ଼ିଏମ୍) କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବର୍ଦ୍ଧିତ ଦରଦାମ ନିୟନ୍ତ୍ରଣ, ବନ୍ଦ ପଡ଼ିଥିବା ଖଣି, ଖାଦାନ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ପୁନଃ ଖୋଲିବା, ଶ୍ରମିକ ବିରୋଧୀ ଶ୍ରମକୋର୍ଡ ପ୍ରତ୍ୟାହାର କରିବା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର କରିବା, ଆଶା ଓ ଅଙ୍ଗନୱାଡ଼ି ୱାର୍କରଙ୍କୁ ଶ୍ରମିକ ମାନ୍ୟତା ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା, ନୂତନ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକୃତ କରିବା, ହିଟ୍ ଏଣ୍ଡ ରନ୍ ଭଳି ପରିବହନ ଶ୍ରମିକ ବିରୋଧୀ କଳା ଆଇନ ବାତିଲ କରିବା, ଇଏସ୍ ଆଇସି ଡିସପେନ୍ସାରୀ, ମଡେଲ ହସ୍ପିଟାଲରେ ଡାକ୍ତର, ପାରାମେଡ଼ିକାଲ କର୍ମଚାରୀ ନିଯୁକ୍ତି କରିବା ସହିତ ବୀମାଭୁକ୍ତ ଶ୍ରମିକଙ୍କୁ ପୂର୍ବପରି ଉତ୍ତମ ଚିକିତ୍ସା ପାଇଁ ରେଫରାଲ ବ୍ୟବସ୍ଥା, ରାଉରକେଲା ସୁପରସ୍ପେଶିଆଲିଟି ହସ୍ପିଟାଲର ପରିଚାଳନା ଏମ୍ସକୁ ହସ୍ତାନ୍ତର, ଏହାକୁ ମେଡିକାଲ କଲେଜରେ ପରିଣତ କରିବା, କଲକାରଖାନା ଓ ଖଣି ଖାଦାନରେ ସ୍ଥାନୀୟ କଂଟ୍ରାକ୍ଟର ଓ ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା ପ୍ରଭୃତି ଦାବିରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କ ଜରିଆରେ ଏହା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଜିଲା ଉପସଭାପତି ଶ୍ରୀମନ୍ତ ବେହେରା, ଜିଲା ସମ୍ପାଦକ ରାଜକିଶୋର ପ୍ରଧାନ, ବିପି ମହାପାତ୍ର, ଅଭୟ ସସ୍ମିତା ଖେସ୍, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଅରୁ ଦାସ, ଅଜୟ ଶର୍ମା, ବିନୟ ବେହୁରିଆ, ବିଶ୍ୱଜିତ ମାଝି, ଶାନ୍ତି ଖାଲଖୋ, କିରଣ ମିଞ୍ଜ, ରାଧା ସାହୁ, ସରିତା ଏକ୍କା, ସୁଧାଂଶୁ ବେହେରା, ସିଡ଼ିଓ ମୁଣ୍ଡା ସମେତ ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

# ଆର୍‌ଏସ୍‌ପି କର୍ମଚାରୀଙ୍କ ୪ ସ୍ୱର୍ଣ୍ଣପଦକ ହାସଲ

## ଆନ୍ତଃ ଇସ୍ପାତ କାରଖାନା ସନ୍ତରଣ ଚାମ୍ପିୟନଶିପ



ଚାମ୍ପିୟନଶିପରେ ସ୍ୱର୍ଣ୍ଣପଦକ ସହ ଆର୍‌ଏସ୍‌ପି କର୍ମଚାରୀ।

ରାଉରକେଲା, ୧୧।୭(ବିପ୍ଲବ ରଞ୍ଜନ ଦାଶ)

ଆରଏସ୍‌ପିର କର୍ମଚାରୀମାନେ ଆନ୍ତଃ ଇସ୍ପାତ କାରଖାନା ସନ୍ତରଣ ଚାମ୍ପିୟନଶିପ୍‌ରେ ୪ଟି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଯାହାକୁ ନେଇ କାରଖାନା ଗୌରବାନ୍ୱିତ ହୋଇଛି। ଷ୍ଟିଲ ପ୍ଲାଣ୍ଟର ସ୍ପୋର୍ଟସବୋର୍ଡ ଦ୍ୱାରା ଆୟୋଜିତ ପ୍ରତିଯୋଗିତା ଜୁଲାଇ ୯ ଏବଂ ୧୦ତାରିଖ ଜାମସେଦପୁର ସ୍ଥିତ ସନ୍ତରଣ ତାଲିମ କେନ୍ଦ୍ର, ଜେଆରଡି ଟାଟାସ୍ପୋର୍ଟସ କମ୍ପ୍ଲେକ୍ସଠାରେ ହୋଇଥିଲା। ଚାମ୍ପିୟନଶିପ୍‌ର ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ କ୍ରୀଡା ଇଭେଣ୍ଟ ଓ ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ ବିଭୂତି ଆଡସେରା ଯୋଗଦାନ କରି ବିଜେତାମାନଙ୍କୁ ପଦକ ପ୍ରଦାନ କରିଥିଲେ। ଏହି ଅବସରରେ ଏସପିଏସବିର ସଚିବ ସୌରଭ ଶୁକ୍ଲା, ପର୍ଯ୍ୟବେକ୍ଷକ ସଚ୍ଚିଦାନନ୍ଦ ସିଂଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ରୋଲ ସପ ବିଭାଗ ଓସିଟି ପ୍ରଦୀପ କୁମାର ବାରିକ ଯଥାକ୍ରମେ ୦୦ ; ୩୩ ; ୨୩ ସେକେଣ୍ଡ ଓ ୦୦ ; ୧୧ ; ୨୨ ସେକେଣ୍ଡ ସମୟ ସହିତ ୫୦ ମିଟର ଏବଂ ୧୦୦ ମିଟର ଫ୍ରି ଷ୍ଟାଇଲ ବର୍ଗରେ ୨ଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ରିପେୟାର ସପ (ଇଲେକ୍ଟ୍ରିକାଲ)ର ଟେକ୍ନିସିଆନ ରୁଦ୍ର ନାରାୟଣ ସାହୁ ମଧ୍ୟ ଯଥାକ୍ରମେ ୦୦ ; ୫୪ ; ୦୬ ସେକେଣ୍ଡ ଏବଂ ୦୦ ; ୦୧ ; ୫୭ ସେକେଣ୍ଡ ସହ ୫୦ ମିଟର ଏବଂ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ବର୍ଗରେ ୨ଟି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏଥିରେ ଆରଏସପି,ଆଇଏସପି,ଜେଏସଡବ୍ଲ୍ୟୁ ଓ ଟାଟାଷ୍ଟିଲରୁ ୩୦ଜଣ ଅଂଶଗ୍ରହଣକାରୀ ଭାଗ ନେଇ ଚମତ୍କାର କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ।

# ଉତ୍କଳ ପ୍ରଗତି ସଂଘ ପକ୍ଷରୁ ବର୍ଷା କବିତା ଆସର ଉଦ୍‌ଯାପିତ



ବର୍ଷା କବିତା ଆସରରେ ଉପସ୍ଥିତ ଅତିଥି, କର୍ମକର୍ତ୍ତା।

ରାଉରକେଲା,୧୧।୭ (ଦିନେଶ ମିଶ୍ର)

ସେକ୍ଟର-୭ ସ୍ଥିତ ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ପରିସରରେ ଚଳିତବର୍ଷର ବର୍ଷା କବିତା ଆସର 'ମେଘମଲ୍ଲାର'ର ଉପସଭାପତି ରଶ୍ମିରଞ୍ଜନ ବୋଇତାରଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ସାଧାରଣ ସମ୍ପାଦକ ଘନଶ୍ୟାମ ଧଳଙ୍କ ଆବାହକତ୍ୱରେ ହୋଇଥିବା ଉତ୍ସବରେ ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀଧଳ ମେଘ ମଲ୍ଲାର କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିଭଳି କବିତାପାଠୋତ୍ସବରେ ବରିଷ୍ଠ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ ସଭାପତିତ୍ୱ କରି ବର୍ଷା, ପ୍ରକୃତି, ଚାଷୀ ଭାଇଠାରୁ ଜୀବଜଗତ ପର୍ଯ୍ୟନ୍ତ କିପରି ଅନନ୍ୟ ଉପହାର ତଥା କବିଙ୍କ କଲମ ପାଇଁ ପ୍ରେରଣାର ଉତ୍ସବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

କବି ସୁପ୍ତି କର ଓ ସ୍ମିତା ମିଶ୍ରଙ୍କ ସଂଯୋଜନାରେ ସର୍ବଶ୍ରୀ ଅଭିରାମ ପ୍ରଧାନ, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, ପ୍ରତାପ ପଣ୍ଡା, ମୀନକେତନ ପଶାୟତ, ଉପେନ୍ଦ୍ର ବସ୍ତିଆ, କିଶୋରୀ ମୋହନ କର, ସତ୍ୟସୁନ୍ଦର ଦାଶ, ବିଜୟିନୀ ଜେନା, ଅର୍ଚ୍ଚନା ପାତ୍ର, ତ୍ରିଲୋଚନ ସ୍ୱାଇଁ, କାଶିନାଥ ନନ୍ଦି, ଗୀତାରାଣୀ ବେହେରା, ସ୍ମିତା ମିଶ୍ରଙ୍କ ସହ ବହୁ କବି ଓ କବୟିତ୍ରୀ ପ୍ରମୁଖ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଗାଳ୍ପିକ କନକଲତା ମିଶ୍ର ଅନ୍ତରାଗ ଶୀର୍ଷକ ଉପରେ ଗଳ୍ପପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଧାମୋହନ ନାୟକ, ବିକ୍ରମଚନ୍ଦ୍ର ଆଚାର୍ଯ୍ୟ, ଅରବିନ୍ଦ ପାତ୍ର, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଡକ୍ଟର ସୁବାସ ଲେଙ୍କା, ପ୍ରବୀର କୁମାର ଦୁବେ, ଇନ୍ଦ୍ରମଣି ମହାପାତ୍ର, ହରିହର ଶତପଥୀ, ପୂର୍ଣ୍ଣଚନ୍ଦ୍ର ଜେନା, ଧରଣୀଧର ସାମଲ, ଦିବାକର ଦାସ, ଅକ୍ଷୟ ସାମଲ, ହରିହର ଶତପଥୀ, ଅନୀଲ ମଲ୍ଲିକ, ସୁକାନ୍ତ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଫଳ ବ୍ୟବସାୟୀଙ୍କୁ ଭୁଜାଲିରେ ଆକ୍ରମଣ

ରାଉରକେଲା,୧୧।୭ (ଦିନେଶ ମିଶ୍ର)

ରଘୁନାଥପାଲି ଥାନା ଅନ୍ତର୍ଗତ ଡିଏଭି ଡଙ୍ଗାଛକ ନିକଟରେ ଜଣେ ଫଳ ବ୍ୟବସାୟୀଙ୍କୁ ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଅମିତ ବାରିକ(୨୪)। ସୂଚନାଯୋଗ୍ୟ, ବାସନ୍ତୀ କଲୋନୀ ଡିଏଭି ବସ୍ତିରେ ଅମିତ ପରିବାର ସହ ବାସ କରନ୍ତି। ଅମିତ ଡିଏଭି ଡଙ୍ଗାଛକରେ ଫଳ ବ୍ୟବସାୟ କରି ନିଜର ପରିବାର ଭରଣପୋଷଣ କରନ୍ତି। ସବୁଦିନ ପରି ଅମିତ ବୁଧବାର ରାତି ସାଢେ ୯ଟାରେ ନିଜ ଦୋକାନ ବନ୍ଦ କରୁଥିବା ସମୟରେ କେତେଜଣ ଦୁର୍ବୃତ୍ତ ହଠାତ ତାଙ୍କ ପଛପଟୁ ଭୁଜାଲି ଓ ଲୁହାରଡ଼ରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ସେ ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ତଳେ ପଡି ଯାଇଥିବାବେଳେ ଦୁର୍ବୃତ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ।

ଏହି ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଅମିତଙ୍କୁ ଉଦ୍ଧାର କରି ଚିକିତ୍ସାଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ପରେ ଯୁବକଙ୍କ ପିତା ସୁକାନ୍ତ ବାରିକ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୩୫୨/୨୪)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ସହଜ ଯୋଗ ପ୍ରଶିକ୍ଷଣ ଶିବିର


ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି।

ରାଉରକେଲା,୧୧।୭(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ଶାରଳା ମନ୍ଦିର ପରିସରରେ ସହଜଯୋଗ ପ୍ରଶିକ୍ଷଣ ଶିବିର ସୁନ୍ଦରଗଡ଼ ଜିଲା ପତଞ୍ଜଳୀ ଯୋଗ ପରିବାର ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥା ଦୀପ ପ୍ରଜ୍ୱୋଳନ କରି ବୈଦିକ ରୀତିରେ ଆରମ୍ଭ କରିଥିଲେ। ଯୋଗ, ପଞ୍ଚ ଯଜ୍ଞ, ଧ୍ୟାନ ସ୍ୱାଧ୍ୟାୟ ନୀରୋଗ ଜୀବନର ଉତ୍ତମ ମାର୍ଗଦର୍ଶକ ବୋଲି ମାର୍ଥା ବର୍ଣ୍ଣନା କରିଥିଲେ। ସହଜଯୋଗ ଦ୍ୱାରା ମଣିଷର ମାନସିକ, ଶାରିରୀକ ସୁସ୍ଥତା, ମାନସିକ ସ୍ଥିରତା, ଆତ୍ମାର ଉନ୍ନତି ସମ୍ଭବ ହୋଇଥାଏ ବୋଲି ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ ମତ ପ୍ରକାଶ କରିଥିଲେ। ଜିଲା ବିଏସ୍‌ଟି ପ୍ରଭାରୀ ଗଙ୍ଗାଧର ଦାଶ ଓ ଆରତୀ କର ଉପସ୍ଥିତିରେ ଏହି ଶିବିର ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ମହିଳା ସଙ୍ଗଠନର ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ଜିଲା ମହିଳା କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଦାଶ, କୌଶଲ୍ୟା ପୃଷ୍ଟି, କୁନ୍ତଳା ସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ଜୁଲାଇ ୧୧ରେ ଆରମ୍ଭ ହୋଇ ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରଶିକ୍ଷଣରେ ଥିଓରୀ ଓ ପ୍ରାକ୍ଟିକାଲ ଜ୍ଞାନ ପ୍ରଦାନ କରାଯାଏ। ଏହି ପ୍ରଶିକ୍ଷଣ ବର୍ଗରେ ପ୍ରାୟ ୫୦ ଭଉଣୀଭାଇ ଅଂଶଗ୍ରହଣ କରିଥିଲେ ବୋଲି ଜିଲା ମିଡିଆ ପ୍ରଭାର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତ୍ତିରେ ଜଣାଇଥିଲେ।

# ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭାର ନୂତନ କମିଟି ଗଠନ

ରାଉରକେଲା,୧୧।୭(ଦିନେଶ ମିଶ୍ର)

ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟିର ଆସନ୍ତା ୩ ବର୍ଷ ପାଇଁ ନୂତନ କମିଟି ସଭାପତିଙ୍କ ଅନୁମୋଦନ କ୍ରମେ ଗଠନ କରାଯାଇଛି। ସେକ୍ଟର-୩ ସ୍ଥିତ ଖଡ୍ଗ ଭବନ ପରିସରରେ ବରିଷ୍ଠ ଉପସଭାପତି ଉପେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କମିଟିର ପ୍ରମୁଖ ସଦସ୍ୟମାନେ ଯୋଗଦେଇ ଗତ ମାର୍ଚ୍ଚରେ ହୋଇଥିବା ରାଜ୍ୟ ସମ୍ମିଳନୀର ଆୟବ୍ୟୟକୁ ଆଲୋଚନା କରି ଅନୁମୋଦନ କରିଥିଲେ। ଏହା ସହ ଆସନ୍ତା ୩ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ପରେ ମେଫେୟାରଠାରେ ନୂତନ ସଭାପତି ରୂପେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇ ତାଙ୍କ ଅନୁମୋଦନ ତଥା ସର୍ବସମ୍ମତିକ୍ରମେ ଉପଦେଷ୍ଟା ମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଯଦୁମଣି ସ୍ୱାଇଁ, ହରିହର ରାଉତରାୟ, ଡାକ୍ତର ୟୁ.ସି ଜେନା, ସୁରେନ୍ଦ୍ର ରାଉତ ଓ ବାବାଜୀ ସ୍ୱାଇଁ ଥିବାବେଳେ ସଭାପତି ଭାବେ ଦିଲୀପ ରାୟ, କାର୍ଯ୍ୟକାରୀ ସଭାପତି ଭାବେ ଉପେନ୍ଦ୍ର କୁମାର ନାୟକ, ଉପସଭାପତି ଭାବେ ନାରାୟଣ ଚନ୍ଦ୍ର ସାମଲ, ଭାନୁ ପ୍ରତାପ ପ୍ରାଧାନ, ସୁବ୍ରତ ମଲ୍ଲିକ, ରାଜେନ୍ଦ୍ର ନାୟକ, ରତ୍ନାକର ବଳ, ନିରୋଦ କୁମାର ରାଉତ, ମୀନତି ବିଶ୍ୱାଳ, ସାଧାରଣ ସମ୍ପାଦକ ଭାବେ ଶଶଧର ପାତ୍ର ସହ ସମ୍ପାଦକ ଭାବେ କିଶୋର ନାୟକ, ସାଙ୍ଗଠନିକ ସମ୍ପାଦକ ଭାବେ ଜଗନ୍ନାଥ ରାଉତ, ଉଗ୍ରସେନ ବିଶ୍ୱାଳ, ଶମ୍ଭୁନାଥ ପରିଡା, ଚନ୍ଦ୍ରମଣି ବେହେରା, ଅକ୍ଷୟ ଦାସ, ବସନ୍ତ ଜେନା, ସନ୍ତୋଷ ବିଶ୍ୱାଳ, ନିରଞ୍ଜନ ସାମଲ, କୋଷାଧ୍ୟକ୍ଷ ଭାବେ ଗଙ୍ଗାଧର ନାୟକ, କାର୍ଯ୍ୟକାରୀ ସଦସ୍ୟ ଭାବେ ରଥିନ୍ଦ୍ର ପ୍ରଧାନ, ଅବନୀ ବଳ, ସୁଦର୍ଶନ ସାମଲ, ରାଧଶ୍ୟାମ ପରିଡା, ସନ୍ତୋଷ ପ୍ରଧାନ, ଗଣେଶ ଜୟସିଂହ, ନାରାୟଣ ମହାଲିକ, ମହେନ୍ଦ୍ର ମଲ୍ଲିକ, ପ୍ରଶାନ୍ତ କୁମାର ଭୁଜବଳ ଓ ମୁଖପାତ୍ର ଭାବେ କୁଞ୍ଜବିହାରୀ ରାଉତ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଏଥିସହ ଖଡ୍ଗଭବନ ମରାମତି ଓ ଅନ୍ୟାନ୍ୟ ଆନୁସାଙ୍ଗିକ କାର୍ଯ୍ୟ ତଥା ଆସନ୍ତା ଅଗଷ୍ଟରେ ନୂତନ କର୍ମକର୍ତ୍ତାମାନେ ସତ୍ୟପାଠ ଓ ଗତ ରାଜ୍ୟ ସମ୍ମିଳନୀରେ ରହିଯାଇଥିବା କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି।


ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭାର କର୍ମକର୍ତ୍ତା।

# ୧୩ ଷ୍ଟେଶନ୍ ଲୋକୋ ପାଇଲଟ୍‌ଙ୍କୁ ମିଳୁଛି ଉତ୍ତମ ସୁବିଧା

ରାଉରକେଲା, ୧୧।୭ (ସଙ୍ଗୀତା ଜେନା)

ଯାତ୍ରୀ ସୁରକ୍ଷା ଓ ଦୁର୍ଘଟଣା ରହିତ ରେଳ ଚଳାଚଳ ପାଇଁ ରେଳବାଇ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରେନ ଚଳାଚଳ କରୁଥିବା ଲୋକୋ ପାଇଲଟ୍‌ମାନଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଲୋକୋ ପାଇଲଟ୍‌ମାନଙ୍କୁ ଲବିରେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଏ ନେଇ ଗୁରୁବାର ସନ୍ଧ୍ୟାରେ ରାଉରକେଲା ରେଳଷ୍ଟେସନ ରନିଂରୁମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଚକ୍ରଧରପୁର ସହକାରୀ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଅପରେସନ୍) ଶିଳାଦିତ୍ୟ ପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ କ୍ରୁନିୟନ୍ତ୍ରକ ନବକିଶୋର, ଜେନା, ଲୋକୋ ଇନସ୍ପେକ୍ଟର ନାରାୟଣ ରଥ, ସଦାଶିବ ସାହୁ, ଆର୍ ଏସ୍ ଦେହୁରୀ, ଏଏମ୍ ବାଗେ, ହାତିଆର ଦେବେନ୍ଦ୍ରେ ହାତିଆ, ଅମନଦୀପ ହାତିଆ ପ୍ରମୁଖ ଉପସ୍ଥିତ ଥିଲେ। ଖଡ଼ଗ୍‌ପୁର, ଟାଟା, ଚକ୍ରଧରପୁର, ସିନି, ଆଦ୍ରା, ରାଂଚି, ବିଳାସପୁର, ବ୍ରଜରାଜନଗର, ଝାରସୁଗୁଡ଼ା, ଭୁବନେଶ୍ୱର, ଟିଟିଲାଗଡ଼, ସମ୍ବଲପୁର ଆଦି ୧୩ଟି ଷ୍ଟେସନର ଲୋକୋ ପାଇଲଟ୍ ଏହି ଲବିର ସୁବିଧା ପାଉଛନ୍ତି। ରାଉରକେଲା ରନିଂ ରୁମ୍‌ରେ ମୋଟ ୪୨ଟି ଏସି ରୁମ୍‌ରେ ୮୪ଟି ଶଯ୍ୟା ରହିଛି। ଲୋକୋ ପାଇଲଟ୍‌ମାନେ ମାନସିକ ଓ ଶାରୀରିକ ଶାନ୍ତି ପାଇଁ ଏପରି ସୁବ୍ୟବସ୍ଥା କରାଯାଇଛି। ମହିଳାମାନଙ୍କ ପାଇଁ ସଂଲଗ୍ନ ପ୍ରସାଧାନ କୋଠରୀ ସହିତ ଲବିରେ ପୁରୁଷ ଲୋକେ ପାଇଲଟ୍‌ମାନଙ୍କ ପାଇଁ ୨୪ ଘଣ୍ଟା ନିରନ୍ତର ଏୟାରକଣ୍ଡିସନ, ଫୁଟ୍ ମସାଜର, ଜିମ୍, ଯୋଗଶାଳା, ମନୋରଂଜନ ପାଇଁ କ୍ରୀଡ଼ା ସାମଗ୍ରୀ ଉପଲବ୍ଧ ରହିଛି। ସେହିପରି ସ୍ୱଚ୍ଛତା ପାଇଁ ଲୋକୋ ପାଇଲଟ୍ ପାଇଁ ବ୍ୟକ୍ତିଗତ ବେଡ଼ସିଟ୍, ତକିଆ ଓ କମ୍ବଳ ବ୍ୟବହାର ସୁବିଧା କରାଯାଇଛି। ସେହିକ୍ରମରେ ଆମିଷ ଓ ନିରାମିଷ ଖାଦ୍ୟ ରନ୍ଧନ ପାଇଁ ପୃଥକ୍ ରୋଷେଇଶାଳ ରହିଛି। ସୁରକ୍ଷା ବ୍ୟବସ୍ଥା ପାଇଁ ୧୧ଟି ସିସିଟିଭି ବ୍ୟବସ୍ଥା କରାଯାଇଛି। ଶୀତଳ ପାନୀୟ ଜଳ ପାଇଁ ଆର୍‌ଓ ସିଷ୍ଟମ କରାଯାଇଛି। ପ୍ରତ୍ୟେକ ଦିନ ପ୍ରାୟ ୧୩୭ ଜଣ ଲୋକେ ପାଇଲଟ୍ ଏହି ସୁବିଧା ଗ୍ରହଣ କରୁଛନ୍ତି। ଏତଦ୍‌ବ୍ୟତୀତ, ଉଦ୍ୟାନ, ୱାଟର ଫାଉଣ୍ଟେନ୍, ବ୍ୟବସ୍ଥା ରହିଛି। ଯାହାଦ୍ୱାରା ଲୋକେ ପାଇଲଟ୍‌ମାନେ ସୁବିଧାରେ ବିଶ୍ରାମ କରି ସୁରକ୍ଷିତ ଓ ନିରାପଦ ଟ୍ରେନ ଚଳାଚଳ କରିପାରିବେ। ୨ଶହ ଲୋକୋ ପାଇଲଟ୍, ମେଲ୍, ଏକ୍ସପ୍ରେସରେ ୬୯ଜଣ, ୩୧୫ ଜଣ ଆସିଷ୍ଟାଂଟ ଲୋକୋ ପାଇଲଟ୍ ରହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ କ୍ରୁ ଲବିର ଟ୍ରେନ ଚାଳକ ଓ ଆସିଷ୍ଟାଣ୍ଟ ଚାକଳମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଉକ୍ତ ଲୋକୋ ପାଇଲଟ୍‌ମାନେ ଅତିକମ୍‌ରେ ୮ ଘଣ୍ଟା ବିଶ୍ରାମ ନେବାର ନିୟମ ରହିଛି। ୨୦୧୪ ମସିହାରୁ ଏହି ସୁବିଧା ପ୍ରଦାନ କରାଯାଉଥିବା ବେଳେ ପ୍ରଥମକରି ଜନସଚେତନତା ପାଇଁ ଖବରଦାତା ସମ୍ମିଳନୀରେ ଆୟୋଜନ ହୋଇଥିଲା ବୋଲି କୁହାଯାଇଥିଲା।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ରେଳମଣ୍ଡଳର ଉଚ୍ଚ ଅଧିକାରୀ।

**ଦକ୍ଷିଣପୂର୍ବ ରେଳପଥ ପକ୍ଷରୁ ଖବରଦାତା ସମ୍ମିଳନୀ**

## ସଂକ୍ଷେପରେ

### ଛତୁଖାଇ ପରିବାରର ୪ ଅସୁସ୍ଥ

ରେଢାଖୋଲ/ନାକଟୀଦେଉଳ, ୧୧।୭ (ଅଚ୍ୟୁତାନନ୍ଦ ପୁରୋହିତ/ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ କିସିଣ୍ଡା ଥାନା ଅଧିନ ଧଳପୁର ଗ୍ରାମରେ ଛତୁ ଖାଇ ଗୋଟିଏ ପରିବାରର ୪ ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ରେଢାଖୋଲ ଡାକ୍ତରଖାନା ଭର୍ତ୍ତି କରାଯାଇଛି। ବଣ ଜଙ୍ଗଲ ଘେରା ଧଳପୁର ଗ୍ରାମର ଏହି ପରିବାର ଗୁରୁବାର ସକାଳେ ଘର ନିକଟରେ ଫୁଟିଥିବା ଛତୁ ଆଣି ରାନ୍ଧି ଖାଇଥିଲେ। ତେବେ ଖାଇବା ପରେ ପରିବାରର ୪ ଜଣ ଅସୁସ୍ଥ ହୋଇଥିଲେ। ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନେ ହେଲେ କୁନ୍ତଳା ରୁଷି(୬୫), ତାଙ୍କ ଦୁଇ ପୁଅ କୁମୁଦ ରୁଷି(୩୦), ରମାକାନ୍ତ ରୁଷି(୩୫) ଏବଂ ରମାକାନ୍ତଙ୍କ ଝିଅ କୈଶଲ୍ୟା(୧୧)। ଏମାନଙ୍କ ମଧ୍ୟରୁ କନ୍ତଳାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

### ଭାଉଜ ଘର ଉପରକୁ ଗୁଳି ଚାଳନା, ଦିଅର ଗିରଫ

ନାକଟିଦେଉଳ, ୧୧।୭ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ତାଲବ ଗ୍ରାମରେ ଭାଉଜଙ୍କ ଘର ଉପରକୁ ଗୁଳି ଚାଳନା କରି ଦିଅର ଗିରଫ ହୋଇଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରିଛି । ତାଲବର ଉମାକାନ୍ତ ଦେହୁରୀ ଏବଂ ଜୟକୃଷ୍ଣ ଦେହୁରୀ ଦୁଇ ଭାଇ। ମଙ୍ଗଳବାର ସନ୍ଧ୍ୟାରେ ଉମାକାନ୍ତଙ୍କ ଘର ସମ୍ମୁଖରେ ଜୟକୃଷ୍ଣ ପାଟିତୁଣ୍ଡ କରୁଥିଲେ। ଉମାକାନ୍ତଙ୍କ ସ୍ତ୍ରୀ ପାଞ୍ଚ ଦେହୁରୀ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଜୟକୃଷ୍ଣ ଏକ ଦେଶୀ ବନ୍ଧୁକ ଆଣି ପାଞ୍ଚ ଦେହୁରୀଙ୍କ ଘର ଉପରକୁ ଗୁଳି ଚାଳନା କରିଥିଲା । ବୁଧବାର ସକାଳୁ ପାଞ୍ଚ ଦେହୁରୀ ଏ ସମ୍ପର୍କରେ କିସିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଗୁରୁବାର ଅଭିଯୁକ୍ତ ଜୟକୃଷ୍ଣ ଦେହୁରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଠିକ୍ ସମୟରେ ପ୍ରମାଣପତ୍ର ପ୍ରଦାନ ନିର୍ଦ୍ଦେଶ

**ଅନ୍‌ଲାଇନ ପ୍ରମାଣପତ୍ର ଆବେଦନ ମାମଲା**

ସମ୍ବଲପୁର, ୧୧।୭ (ଭବାନୀ ଶଙ୍କର ଭୋଇ)

ତହସିଲର ୱେବ୍‌ସାଇଟଗୁଡିକ ସରଭର ଜାମ ହେବା ଯୋଗୁ ଠିକ୍ ଭାବରେ ଖୋଲୁନାହିଁ। ଏଥିଯୋଗୁ ହଜାରହଜାର ପ୍ରମାଣପତ୍ର ଆବେଦନ ପଡିରହିଛି। ଏ ସମ୍ପର୍କିତ ଖବର ୧୧ତାରିଖ ଧରିତ୍ରୀରେ ପ୍ରକାଶ ପରେ ରାଜ୍ୟ ରାଜସ୍ୱ ବିଭାଗ ଏହାକୁ ଗୁରୁତର ସହ ନେଇଛି। ରାଜ୍ୟ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଭୁବନେଶ୍ୱରରେ ବୈଠକ କରାଯାଇଥିଲା। ଏଥିରେ ସମସ୍ତ ଅତିରିକ୍ତ ଜିଲାପାଳ, ତହସିଲଦାର ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରମାଣପତ୍ର ଆବେଦନଗୁଡିକର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ବିଏସ୍‌ଏନ୍‌ଏଲ୍‌କୁ ସିଗ୍‌ନାଲ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକେ ନିଜର ପିଲାଙ୍କ ନାମ ଲେଖା ଏବଂ ଚାକିରି ଆବେଦନ ପାଇଁ ଜାତି ପ୍ରମାଣପତ୍ରଠାରୁ ଆରମ୍ଭ କରି ବାସିନ୍ଦା ପ୍ରମାଣପତ୍ର,ଆର୍ଥିକ ପ୍ରମାଣପତ୍ର ଅନ୍‌ଲାଇନରେ ଆବେଦନ କରି ସରଭର ଜାମ ଯୋଗୁ ଠିକ୍ ସମୟରେ ପ୍ରମାଣପତ୍ର ପାଇ ପାରୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ସୁଭଦ୍ରା ଯୋଜନାରେ ମହିଳାମାନଙ୍କ ପାଇଁ ଆର୍ଥିକ ସହଯୋଗ ଘୋଷଣା କରିବା ପରେ ବିଭିନ୍ନ ପ୍ରମାଣ ପତ୍ରମାନ ଅନଲାଇନରେ ଆବେଦନ ସଂଖ୍ୟର ଅହେତୁକ ବୃଦ୍ଧି ପାଇଥିଲା ରାଜ୍ୟରେ ଗତ ୧ ଜାନୁଆରୀରୁ ୯ ଜୁଲାଇ ମଧ୍ୟରେ ୬୪ ଲକ୍ଷ ୭୦ହଜାର ୭୮୩ ଆବେଦନ କରାଯାଇଥିବା ବେଳେ ୪୩ ଲକ୍ଷ ୭୨୫ ଟି ଆବେଦନ ଗ୍ରହଣ କରାଯାଇଛି । ୪ଲକ୍ଷ ୭୧ ହଜାର ୫୫୩ଟି ଆବେଦନ ନାକଚ ହୋଇଥିବା ବେଳେ ୧୬ଲକ୍ଷ ୯୮ ହଜାର ୫୦୫ଟି ଆବେଦନ ପ୍ରୋସେସିଂ ହୋଇ ନ ପାରି ପଡି ରହିଥିବା ଜଣାପଡିଥିଲା ।



ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଟୁଇଟ୍।

# ବ୍ଲେଡ୍ ଆକ୍ରମଣରେ କଣ୍ଡକ୍ଟରଙ୍କ ବେକ କଟିଲା

ସମ୍ବଲପୁର, ୧୧।୭ (ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲିସ୍ଥିତ ଘରୋଇ ବସ୍‌ଷ୍ଟାଣ୍ଡରେ ଗୁରୁବାର ବ୍ଲେଡ୍ ଆକ୍ରମଣରେ ଏକ ବସ୍‌ର କଣ୍ଡକ୍ଟରଙ୍କ ବେକକଟି ଗୁରୁତର ହୋଇଛନ୍ତି। ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଅଇଁଠାପାଲି ଥାନା ବସ୍‌ଷ୍ଟାଣ୍ଡ ନିକଟ କରମଟୁଲିର କାର୍ମା ଓରାମ(୨୪)। ମିଳିଥିବା ସୂଚନା ଅନୁସାରେ ପୂର୍ବାହ୍ନରେ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ସମ୍ବଲପୁର ଅଇଠାପାଲି ବସ୍‌ଷ୍ଟାଣ୍ଡ ନିକଟରେ ଯାତ୍ରୀ ଉଠାଉଥିଲା। ଏହି ସମୟରେ ଅଭିଯୁକ୍ତ କାର୍ମା ଉକ୍ତ ଘରୋଇ ବସ୍‌ର କଣ୍ଡକ୍ଟର ଝାରସୁଗୁଡ଼ାର ବିହାରୀ(୩୨)ଙ୍କ ନିକଟକୁ ଆସି ଦାଦାବଟି ମାଗିଥିଲେ। ମନା କରିବାରୁ କାର୍ମା ଏକ ବ୍ଲେଡ୍‌ରେ ବିହାରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବିହାରୀଙ୍କ ବେକ କଟି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଅନ୍ୟ ବସ୍ କର୍ମଚାରୀ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ଏକ ଘରୋଇ ନର୍ସିଂ ହୋମକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ପୀଡ଼ିତ କଣ୍ଡକ୍ଟରଙ୍କ ଏତଲା ଆଧାରରେ ଅଇଁଠାପାଲି ଥାନାରେ କେସ୍ ନମ୍ବର ୨୨୪/୨୪ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ପ୍ରତିବାଦ କଲେ ହାତୀବାରୀ ଗ୍ରାମବାସୀ

**ଜଳାଶୟରେ ପାଉଁଶ ପକାଇବା ଘଟଣା**

ସମ୍ବଲପୁର, ୧୧।୭ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତର ହାତୀବାରି ଅଞ୍ଚଳରେ ପଥର କୁଆରୀରେ ତିଆରି ହୋଇଥିବା ଜଳାଶୟକୁ ପାଉଁଶରେ ପୋତିବା ଘଟଣାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏନେଇ ଗୁରୁବାର ସେମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସି ପ୍ରତିବାଦ କରି ଦାବିପତ୍ର ପ୍ରଦାନ କରିଛନ୍ତି । ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ କରିଛନ୍ତି ଯେ, ହାତିବାରୀ ଗ୍ରାମ୍ୟ ଜଙ୍ଗଲରେ ବନ୍ଦ ପଡିଥିବା ଏକ ପଥର କୂଆରୀରେ ପାଣି ଜମା ରହି ଏକ ଜଳାଶୟ ସୃଷ୍ଟି ହୋଇଛି । ସେହି ଜଳାଶୟର ପାଣିକୁ ଗ୍ରାମବାସୀ ଚାଷକାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ତେବେ ବିଭିନ୍ନ କମ୍ପାନୀର ନିର୍ଗତ ପାଉଁଶକୁ ପାଉଁଶ ମାଫିଆମାନେ ଆଣି ଜଳାଶୟକୁ ପୋତିବାକୁ ଚେଷ୍ଟା କରୁଛନ୍ତି । ଏହି ଜଳାଶୟକୁ ପାଉଁଶରେ ପୋତିବାକୁ ଚେଷ୍ଟା କରିବା ଯୋଗୁ ଚାଷକାର୍ଯ୍ୟ ପାଇଁ ପାଣି ସମସ୍ୟା ଦେଖାଦେବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେଥିପାଇଁ ସେହି ଜଳାଶୟରେ ପାଉଁଶ ପକାଇବା ବନ୍ଦ କରିବା ଦାବିରେ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାପରେ ଗ୍ରାମବାସୀ ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧାଙ୍କୁ ସାକ୍ଷାତ ଅଭିଯୋଗ କରିଥିଲେ। ପୂର୍ବରୁ ଜଳାଶୟକୁ ପୋତିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ଦୁଇଟି ପାଉଁଶ ବୋଝେଇ ହାଇୱା ଏବଂ ଗୋଟିଏ ଜେସିବିକୁ ଜବତ କରି ଯୁଜୁମୁରା ପୋଲିସ ଜିମା ଦେଇଥିଲେ। ଏହାର ମାସକୁ ପୂର୍ବରୁ ମଧ୍ୟ ସେହି ଜାଗାରେ ପାଉଁଶ ପୋତିବାକୁ ଚେଷ୍ଟା କରୁଥିବା ୫ଟି ହାଇୱା ଏବଂ ଗୋଟିଏ ଜେସିବିକୁ ଗ୍ରାମବାସୀ ଜବତ କରି ପୋଲିସକୁ ଖବର ଦେଇଥିଲେ । ସେହି ସମୟରେ ପୋଲିସ ଗାଡିଗୁଡିକ ଯାଞ୍ଚ କରି ଓଭରଲୋଡିଂ ପାଇଁ ୧ ଫାଇନ ଆଦାୟ କରି ଛାଡି ଦେଇଥିଲା । ପାଉଁଶ ଗାଡିଗୁଡିକ ଚାରମାଳରେ ନିର୍ମାଣାଧୀନ ରାଜପଥରେ ବ୍ୟବହାର କରିବା ପାଇଁ ଅନୁମତି ନେଇ ଅଧାବାଟରେ ଜଳାଶୟରେ ପକାଇ ଚାଲିଯିବାକୁ ଚେଷ୍ଟା କରୁଥିବା ଘଟଣାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି ।

# ଚିତ୍ରକଳା, ହସ୍ତକଳା ପ୍ରଦର୍ଶନୀ ଉଦ୍‌ଯାପିତ

ସମ୍ବଲପୁର, ୧୧।୭ (ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ଆୟୋଜିତ ଦୁଇଦିନିଆ ଚିତ୍ରକଳା ପ୍ରଦର୍ଶନୀ ଅମୃତ ବିହାର ପରିସରସ୍ଥ ସରାଧନ କେନ୍ଦ୍ରଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କୁଳପତି ଏନ୍. ନାଗାରାଜୁଙ୍କ ସମେତ ସୁନାବେଡା ସ୍ଥିତ ସେଣ୍ଟ୍ରାଲ ୟୁନିଭରସିଟି ଅଫ୍ ଓଡ଼ିଶାର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, କର୍ନାଟକର ଭାରତୀୟ ବିଦ୍ୟାମଣ୍ଡଳ ଯୁଗ୍ମ ସଚିବ ଶଙ୍କରାନନ୍ଦ, ଜିଏମୟୁର କୁଳସଚିବ ସନତ କୁମାର ନାୟକ, ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ପି. ମୁଦୁଲି, ଡ.ପ୍ରଦୀପ ପଣ୍ଡା, ଜିଏମୟୁର ଉପ କୁଳସଚିବ ଡ. ଉମାଚରଣ ପତି ଯୋଗ ଦେଇ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ।


ଜିଏମୟୁରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

ନବିନ ଏବଂ ପ୍ରବୀଣ ଚିତ୍ରଶିଳ୍ପୀଙ୍କ ଚିତ୍ରଗୁଡିକ କ୍ୟାନଭାସରେ ଜୀବନ୍ତ ହୋଇ ଉଠିଥିଲା। ଏହି ଦୁଇଦିନିଆ ପ୍ରଦର୍ଶନୀରେ ୫୦ଟି ଚିତ୍ରକଳା ଏବଂ ୫୦ଟି ହସ୍ତକଳା ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅତିଥିମାନଙ୍କୁ ଚିତ୍ରଶିଳ୍ପୀମାନେ ଅଙ୍କନ କରିଥିବା ଚିତ୍ରକଳା ଉପହାରଭାବେ ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନୀରେ ସମ୍ବଲପୁରର ପ୍ରତିଷ୍ଠିତ ଏବଂ ବରିଷ୍ଠ ଚିତ୍ରଶିଳ୍ପୀଗଣ ଭୋଳନାଥ ନାୟକ,ବୃନ୍ଦାବନ ମହାରଣା, ବିଶିଷ୍ଟ ଫଟୋଗ୍ରାଫର କରୁଣାକର ଶତପଥୀ, ବିଶିଷ୍ଟ ଚିତ୍ରଶିଳ୍ପୀ ରାଧାରମଣ ମୁଦୁଲି, ନୈତିକ ଲାଲ ବାରିକ, ସଞ୍ଜୟ ସାହୁ, ମନୋଜ ଚୌଧୁରୀ, ପ୍ରଶାନ୍ତ ମାଝୀ, ମହେଶ ପାଣ୍ଡେ, ସ୍ୱରୂପ ସାହୁ, ସୁରଜିତ ରାଉତ, ରଞ୍ଜିତା ମିଶ୍ର, ଅନୁରେଖା ଜେନା, ପ୍ରେମଚାନ୍ଦ ରାଉତ, କେଦାର ନାଏକ, ଅନୀଲ କେରକେଟା, ରତନଲାଲ ଶର୍ମା, ସନ୍ତୋଷ ପଟ୍ଟନାୟକ, ସମୀର ମହାରଣା, ପ୍ରୀତି ବାରିକ ଉପସ୍ଥିତ ଥିଲେ। ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

# ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍ ପକ୍ଷରୁ ସିଲେଇ ମେଶିନ ପ୍ରଦାନ



ସିଲେଇ ମେଶିନ ବଣ୍ଟନ ଓ ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥି ଓ ପ୍ରଶିକ୍ଷାର୍ଥୀ।

ସମ୍ବଲପୁର, ୧୧।୭ (ବି.ଶଙ୍କର)

ଜେଏସ୍‌ଡବ୍ଲ୍ୟୁ-ବିପିଏସ୍‌ଏଲ୍ ସିଏସ୍‌ଆର ବିଭାଗ ପକ୍ଷରୁ ଗୁରୁବାର ସିଲେଇ ମେଶିନ ବଣ୍ଟନ ଓ ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା ଠେଲକୋଲୋଇ ସ୍ଥିତ ଏଟିଡିସି (ପୋଷାକ ତାଲିମ ଏବଂ ଡିଜାଇନ କେନ୍ଦ୍ର) ଜେଏସଡବ୍ଲ୍ୟୁ ସିଲେଇ ଟ୍ରେନିଂ ତଥା ଉତ୍ପାଦନ କେନ୍ଦ୍ରଠାରେ କାର୍ଯ୍ୟକ୍ରମ ହୋଇଥିଲା । ବିପିଏସ୍‌ଏଲ୍ ଆକାଂକ୍ଷା ଲେଡିଜ କ୍ଳବର ସଭାନେତ୍ରୀ ନିଲମ ସିଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । କମ୍ପାନୀ ସିଏସ୍‌ଆର ବିଭାଗ ମୁଖ୍ୟ ବିଶାଲ ରାଜ, ନିର୍ଦ୍ଦେଶକ-ଏଟିଡିସି ସୁବ୍ରତ ତ୍ରିପାଠୀ ମଧ୍ୟ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଜେଏସ୍‌ଡବ୍ଲ୍ୟୁ-ବିପିଏସଏଲ ପ୍ଲାଣ୍ଟରେ ୫ଟି ଗ୍ରାମପଞ୍ଚାୟତର ୧୫୦ଜଣ ପ୍ରାର୍ଥି ସଫଳତାର ସହିତ ତାଲିମ ସମାପ୍ତ କରିଛନ୍ତି । ତେଣୁ ତାଲିମ ହାସଲ କରିଥିବା ପ୍ରାର୍ଥୀମାନଙ୍କୁ ଅତିଥିମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ୬୨ ଜଣ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିବାବେଳେ ୮୭ ଜଣଙ୍କୁ ସିଲେଇ ମେଶିନ ଦିଆଯାଇଥିଲ। ଏକ ଆତ୍ମ-ସଶକ୍ତ ମହିଳା ହେବା ଉପରେ ଧ୍ୟାନ ଦେବାକୁ ପ୍ରାର୍ଥୀଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଏହାଦ୍ୱାରା ଆତ୍ମ-ସଶକ୍ତିକରଣକୁ ଉତ୍ସାହିତ କରିବା ଏବଂ ଅଂଶଗ୍ରହଣକାରୀଙ୍କ ପାଇଁ ଜୀବିକା ସୁଯୋଗକୁ ବୃଦ୍ଧି ପାଇଁ କମ୍ପାନୀର ଲକ୍ଷ୍ୟ ରଖିଛି।

# ମୋଦି ବିରୋଧୀ ହେବାକୁ ଯାଇ ବିରୋଧୀ ଦଳ ଦେଶ ବିରୋଧୀ ନ ହୁଅନ୍ତୁ

**ଅଗ୍ନିବୀର ନାଁରେ ମିଥ୍ୟା ଅପପ୍ରଚାର ନେଇ ଭାଜପା ସୈନିକ ସେଲର ଅଭିଯୋଗ**

ସମ୍ବଲପୁର, ୧୧।୭ (ଭବାନୀ ଶଙ୍କର ଭୋଇ)

ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଗୁରୁବାର ଓଡ଼ିଶା ପ୍ରଦେଶ ଭାଜପା ରାଜ୍ୟ ସୈନିକ ସେଲ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଗ୍ନିବୀର ପ୍ରସଙ୍ଗରେ ବିରୋଧୀ ଦଳର ଆଭିମୁଖ୍ୟକୁ ତୀବ୍ର ବିରୋଧ କରାଯାଇଛି। ଓଡ଼ିଶା ପ୍ରଦେଶ ଭାଜପା ସୈନିକ ସେଲର ରାଜ୍ୟ ସହ ଆବାହକ କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଅଗ୍ନିପଥ ଯୋଜନା ଦେଶର ସୁରକ୍ଷା ଏବଂ ଯୁବକ ମାନଙ୍କ ଭବିଷ୍ୟତ ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା। ଦେଶର ଯୁବ ପୀଢିକୁ ଦେଶ ସେବାରେ ନିୟୋଜିତ କରିବା ସହ ଏକ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଏହି ଯୋଜନା ବିଶେଷ ଫଳପ୍ରଦ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ହେଲେ ବିରୋଧୀ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ବିଭିନ୍ନ ସମୟରେ ଅଗ୍ନିପଥ ଯୋଜନା ଏବଂ ଅଗ୍ନିବୀର ନିଯୁକ୍ତିକୁ ନେଇ ଜନସାଧାରଣଙ୍କ ନିକଟରେ ଭୁଲ୍ ସୁଚନା ଦେବା ସହ ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ରାହୁଲ ଗାନ୍ଧୀଙ୍କ ଏପରି କାର୍ଯ୍ୟକୁ ନେଇ ନିନ୍ଦା କରାଯିବା ସହ କଂଗ୍ରେସ ସରକାର ଅମଳରେ ସୈନିକ ମାନଙ୍କ ଶତ୍ରୁମାନଙ୍କୁ ଜବାବ ଦେବକୁ ଅନୁମତି ମିଳି ପାରୁ ନ ଥିବା ନେଇ ଅଭିଯୋଗ କରାଯାଇଥିଲା । ୧୯୭୧ ଯୁଦ୍ଧରେ ପାକିସ୍ଥାନ ପରାଜୟ ବରଣ କରିବା ପରେ ତତ୍କାଳୀନ କଂଗ୍ରେସ ସରକାର ପାକିସ୍ଥାନରେ ଯୁଦ୍ଧବନ୍ଦୀ ଥିବା ୫୪୫ ଜଣ ସୈନ୍ୟଙ୍କୁ ଫେରାଇ ଆଣିବା ପାଇଁ ଚୁକ୍ତି ନ କରି ପାକିସ୍ଥାନର ୯୩ ହଜାର ସୈନ୍ୟଙ୍କୁ ଫେରାଇ ଦେଇଥିଲା ବୋଲି ମେଜର ସୁବେଦାର ବେହେରା ଅଭିଯୋଗ କରିଥିଲେ । କଂଗ୍ରେସ ଦେଶର ସ୍ୱାର୍ଥକୁ ଗୁରୁତ୍ୱ ନଦେଇ ସବୁବେଳେ ଦଳୀୟ ଏବଂ ପାରିବାରିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସୁଥିବା ପୂର୍ବତନ ସୈନିକ କର୍ଣ୍ଣେଲ ପ୍ରଭାତ ପଣ୍ଡା ଖବରଦାତା ସମ୍ମିଳନୀରେ ଅଭିଯୋଗ କରଥିଲେ । ୧୮ ବର୍ଷ ବୟସରେ ଅଗ୍ନିବୀର ଭାବେ ଯୋଗ ଦେବା ପରେ ଚାରିବର୍ଷ ଦେଶ ସେବା ପରେ ଆର୍ଥିକ ଏବଂ ସାମାଜିକଭାବେ ଯୁବକମାନେ ସମୃଦ୍ଧ ହୋଇ ସମାଜକୁ ଫେରିବେ। ଏହାସହ ପ୍ରତିବର୍ଷ ଅଗ୍ନିବୀରରୁ ଅବସର ନେଇ ସମାଜକୁ ଫେରୁଥିବା ହଜାରହଜାର ଯୁବକ ସୈନିକ ଭାବେ କାର୍ଯ୍ୟ କରିବାର ଅନୁଭୂତିକୁ ସମାଜ ଗଠନରେ ବ୍ୟବହାର କରିବେ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଥିଲା । ଏହାବାଦ ଦେଶରେ କୌଣସି ପରିସ୍ଥିତିରେ ଗୃହଯୁଦ୍ଧ ହେଲେ ସମାଜରେ ରହିଥିବା ହଜାର ହଜାର ପୂର୍ବତନ ଯୁବ ସୈନିକଙ୍କ ଉପସ୍ଥିତି ଦେଶର ସୁରକ୍ଷା ପାଇଁ ଲାଭପ୍ରଦ ହୋଇପାରିବ ବୋଲି ଦାବି କରାଯାଇଛି। ତେବେ ଦେଶର ବିରୋଧୀ ଦଳର ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିରୋଧ କରିବା ଚେଷ୍ଟାରେ ଦେଶ ବିରୋଧୀ ହେବାକୁ ପଛାଉ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ଖବରଦାତା ସମ୍ମିଳନୀରେ ଭାଜପା ପୂର୍ବତନ ସୈନିକ ସେଲ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଓଡିଶା ପ୍ରଦେଶ ଭାଜପା ସୈନିକ ସେଲର ସହ ସଂଯୋଜକ କର୍ନେଲ ପ୍ରଭାତ ପଣ୍ଡା, ଭାଜପା ଜିଲା ସଭାପତି ଗିରୀଶ ପଟେଲ, ଭାଜପା ରାଜ୍ୟ ପେନାଲିଷ୍ଟ ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ଭାଜପା ପୂର୍ବ ସୈନିକ ପ୍ରକୋଷ୍ଠର ଜିଲା ସଂଯୋଜକ ସୁବେଦାର ମେଜର ଶିବ ନାରାୟଣ ବେହେରା ଉପସ୍ଥିତ ରହିଥିଲେ।



ଭାଜପା ସୈନିକ ସେଲର ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାଗଣ।


କୁଞ୍ଜେଲପଡା ମାଉସୀ ମା' ମନ୍ଦିରରେ ଠାକୁରଙ୍କ ହରି ଓ ହର ବେଶ।


ଗୁରୁବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ କୃଷ୍ଣ ଓ ବଳରାମ ବେଶ।


ନନ୍ଦପଡା ବରିହା ଠାକୁର ବାମନ ଓ ପର୍ଶୁରାମ ବେଶରେ ଦର୍ଶନ ଦେଉଛନ୍ତି।

